

# କଟକ ସିଟି

## ଏସ୍‌ସିବି ନିରାମୟ କେନ୍ଦ୍ରର ରୂପାନ୍ତରଣ ହେବ



**କଟକ, ୧୯।୧(ସମିସ):** ଏସ୍‌ସିବି ମେଡିକାଲର ବରିଷ୍ଠ ଅଧିକାରୀମାନଙ୍କ ସହ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ଡଃ ରଞ୍ଜନ ବିଶ୍ୱାଳ। ଏସ୍‌ସିବି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମେଡିକାଲର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ନିରାମୟ ଯୋଜନା ଦ୍ୱାରା ରୋଗୀଙ୍କୁ ଏଠାରେ ନିଃଶୁଳ୍କରେ ଔଷଧ ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ଆହୁରି ସରଳୀକରଣ କିପରି କରାଯିବ ସେ ଦିଗରେ ଆଲୋଚନା ହୋଇଛି। ଏସ୍‌ସିବି ମେଡିକାଲ ନିରାମୟ କେନ୍ଦ୍ରର ରୂପାନ୍ତରଣ ହେବ ବୋଲି ମଧ୍ୟ ଏହି ଅବସରରେ ନିଷ୍ପତ୍ତି ନିଆଯାଇଛି। ନିରାମୟ ଉପଦେଷ୍ଟା ଡଃ ବିଶ୍ୱାଳ ମେଡିକାଲ ପରିସରସ୍ଥ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ପରିଦର୍ଶନ କରିଥିଲେ। ହଷ୍ଟେଲ ଗୁଡିକରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟାର କିପରି ସମାଧାନ ହେବ ସେ ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଏସସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ, ଏସସିବି ମେଡିକାଲ ଉପଦେଷ୍ଟା ସ୍ୱପ୍ନାରାଣୀ ପାତ୍ର, ଆରଏନବି ଏସଡିଓ ଦେବେନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସିଏମ୍‌ସିର ୨ ଡେପୁଟି କମିସନରଙ୍କ ବଦଳି

**ଜଣେ ଲେଖାଏଁ ଅତିରିକ୍ତ କମିସନର ଓ ଡେପୁଟି କମିସନର ନିଯୁକ୍ତ**

**କଟକ, ୧୯ ।୧(ସମିସ):** ସିଏମସିରୁ ଦୁଇ ଜଣ ଡେପୁଟି କମିସନରଙ୍କ ବଦଳି ହୋଇଛି। ଡେପୁଟି କମିସନର ଅଜୟ ମହାନ୍ତି ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ଡେପୁଟି କମିସନର ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଡେପୁଟି କମିସନର ସୁକାନ୍ତଚନ୍ଦ୍ର ବେଉରାଙ୍କର କବିସୂର୍ଯ୍ୟନଗର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି। ଅନ୍ୟପକ୍ଷରେ ସିଏମସିର ଅତିରିକ୍ତ କମିସନର ଭାବେ ଶୁଭେନ୍ଦୁ କୁମାର ସାହୁ ଏବଂ ଡେପୁଟି କମିସନର ଭାବେ ନୟାଗଡ଼ ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ନିଯୁକ୍ତି ପାଇଛନ୍ତି। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଓୟୁଜେ କଟକ ଜିଲ୍ଲା ଶାଖା ପକ୍ଷରୁ ଦାବିପତ୍ର



**କଟକ, ୧୯ ।୧(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ)ର ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲ୍ଲାପାଳ ନରହରି ସେଠୀଙ୍କୁ ଏକ ଦାବିପତ୍ର ପଦାନ କରାଯାଇଛି। ଏହି ଦାବିପତ୍ରରେ ସାମ୍ବାଦିକଙ୍କୁ ଆଇନଗତ ସୁରକ୍ଷା, ସମ୍ମାନ ଓ ପେନସନ ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରନ୍ତୁ ବୋଲି ଉଲ୍ଲେଖ କରାଯାଇଛି। ଏହି ପ୍ରତିନିଧି ଦଳରେ ସାଧାରଣ ସମ୍ପାଦକ ଅଜୟ କୁମାର ଦାସ, ଉପସଭାପତି ବିଭୁତି ଭୂଷଣ ଦାଶ, ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଜେନା, ସରୋଜ ମଲ୍ଲିକ, ଗୌତମ ପଣ୍ଡା, ବାବୁଲା ପାତ୍ର, ନାରାୟଣ ସିହ୍ନା, କାନନ ବିହାରୀ ନାୟକ, ଜଗନ୍ନାଥ ରାଉତ, ରତ୍ନାକର ବେହେରା, ଜୟ ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ବିଭୂତି ଭୂଷଣ ତରାଇ, ସନ୍ତୋଷ ମାହାନା, ପୂଜାରିଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶହୀଦ ଦିବସ ପାଳନ ପ୍ରସ୍ତୁତି ବୈଠକ

**କଟକ, ୧୯ ।୧(ସମିସ):** ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ପରିସରରେ ଆସନ୍ତା ୩୦ ତାରିଖରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଅବସରରେ ଶହୀଦ ଦିବସ ପାଳନ କରାଯିବ। ଏହି ଅବସରରେ ସେଠାରେ ତିନିଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ମୃତି ପୀଠ ପରିସରରେ ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳା ମଧ୍ୟ ଆୟୋଜନ କରାଯିବ। ଏହି ମେଳାରେ ବିଭିନ୍ନ ସରକାରୀ ଅନୁଷ୍ଠାନ ପକ୍ଷରୁ ସୂଚନା ଶିକ୍ଷା ଓ ଯୋଗାଯୋଗ ଷ୍ଟଲ ଓ ମିଶନ୍ ଶକ୍ତି ପକ୍ଷରୁ ଷ୍ଟଲମାନ ଖୋଲାଯିବ। ଆଜି ଜିଲ୍ଲାପାଳ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପାଳନ କରିବା ନିମନ୍ତେ ଏଥିସହ ସମ୍ପୃକ୍ତ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ସମସ୍ତ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ବୈଠକରେ ଯୋଗଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କଟକ ମହାନଗର ନିଗମର ଅତିରିକ୍ତ କମିଶନର ସୋନା ଟୁଡୁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ତଥା ବିଭିନ୍ନ ବିଭାଗର ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସକିଲ୍ ଗିରଫ ପରେ ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ

# ତାଲିକାରେ ୧୨ ଗ୍ୟାଙ୍ଗ୍‌ଷ୍ଟର

**କଟକ, ୧୯ ।୧(ସମିସ)**

- ୩ ମାସରେ ହେବେ ଗିରଫ
- ଥାନାୱାରୀ ପେଶାଦାର୍ ଅପରାଧୀଙ୍କୁ ଗିରଫ କରିବାକୁ ଆସିଲା ନୋଟିସ୍

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆକ୍ସନ୍ ମୋଡ୍‌କୁ ଆସିଛି କଟକ କମିଶନରେଟ୍ ପୁଲିସ। ଗତକାଲି ବିଳମ୍ବିତ ରାତିରେ ଗ୍ୟାଙ୍ଗ୍‌ଷ୍ଟର୍ ସକିଲ୍ ଓ ତା' ୬ଜଣ ସହଯୋଗୀଙ୍କୁ ଗିରଫ କରି ଅପରାଧିଙ୍କୁ ଭୟଭିତ କରିଛି। ୩ମାସ ମଧ୍ୟରେ ଥାନାୱାରୀ ସମସ୍ତ ପେଶାଦାର୍ ଅପରାଧିଙ୍କୁ ଗିରଫ କରିବାକୁ କଟକ ୟୁପିଡିର ପ୍ରତ୍ୟେକ ଥାନାକୁ ନୋଟିସ୍ ଦିଆଯାଇଛି। କମିଶନରେଟ୍ ପୁଲିସର ଉଚ୍ଚସ୍ତରୀୟ ଅପରାଧ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାରେ ପୁଲିସର ପ୍ରମୁଖ ଭୂମିକା ଥିବାରୁ ପୁଲିସ କୁଖ୍ୟାତ ଅପରାଧିଙ୍କୁ ସାବାଡ୍ କରିବା ନିମନ୍ତେ ଏଭଳି ଗିରଫଦାରୀ ଅଭିଯାନ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ତଡିପାର୍ ନିର୍ଦ୍ଦେଶ ଥିବା ୧୨ଗ୍ୟାଙ୍ଗ୍‌ଷ୍ଟର୍‌ଙ୍କୁ ପୁଲିସ ଗିରଫ କରିବ ବୋଲି ଏବ ବିଶେଷସୂତ୍ରରୁ ଜଣାପଡ଼ିଛି। ତଡିପାର୍ ଅବଧି ଶେଷ ହୋଇଯିବା ଫଳରେ ଏମାନେ ସହର ମଧ୍ୟରେ ବିଭିନ୍ନ ଅପରାଧିମୂଳକ କାର୍ଯ୍ୟକଳାପରେ ଲିପ୍ତ ରହିଛନ୍ତି। ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ ଏ କ୍ଷେତ୍ରରେ ସଜାଗ ରହିଥିବା ଡିସିପି ପିନାକ୍ ମିଶ୍ର କହିଛନ୍ତି।

ସାଧାରଣ ନିର୍ବାଚନ-୨୦୨୪କୁ ଦୃଷ୍ଟିରେ ରଖି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅପରାଧୀଙ୍କ ଚୂଡାନ୍ତ ତାଲିକା ପ୍ରସ୍ତୁତ କରିଛି କମିଶନରେଟ୍ ପୁଲିସ।

ଥାନାୱାରୀ ଦାଗୀଙ୍କର ପୁରୁଣା ରେକର୍ଡକୁ ଖୁବଶୀଘ୍ର ଏଡିସିପିଙ୍କ କୋର୍ଟକୁ ପଠାଯିବ। ସେଠାରୁ ଅନୁମତି ଆସିବା ପରେ ଗିରଫଦାରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଗତ ନିର୍ବାଚନ ଗୁଡ଼ିକରେ ପେସାଦାର ଅପରାଧିମାନେ ସହର ଛାଡି ଆତ୍ମଗୋପନ କରିଥିବା ବେଳେ ପୁଲିସ ଏଥର ନିର୍ବାଚନୀ ଗିରଫଦାରୀ ପ୍ରକ୍ରିୟାକୁ ଗୁପ୍ତ ଢଙ୍ଗରେ କରୁଥିବା ଜଣାପଡ଼ିଛି। ସିଆର୍‌ପିସି ଧାରା ୧୧୦ ଅନୁଯାୟୀ ଦାଗୀ ଅପରାଧିଙ୍କୁ ଗିରଫ କରାଯିବା ନିମନ୍ତେ ପୁଲିସ ଜୋରଦାର ଚେଷ୍ଟା କରୁଛି। ବିଭିନ୍ନ ଥାନା ଅଞ୍ଚଳରେ ରହିଥିବା ଦୁର୍ଦ୍ଦାନ୍ତ ଅପରାଧି, ଯେଉଁମାନେ ପୂର୍ବରୁ ନିର୍ବାଚନ ସମୟରେ ଗଣ୍ଡଗୋଳ କରିବା, ଦାଦାବଟି ଆଦାୟ କରିବା, ସାଧାରଣ ଭୋଟର୍‌ଙ୍କ ଉପରେ ଜୁଲମ କରିବା ଏବଂ ପୁଲିଂ ବୁଥ୍ ଓ ନିର୍ବାଚନୀ ପ୍ରଚାରରେ ଗଣ୍ଡଗୋଳ କରିବା ଭଳି ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହିଛନ୍ତି, ସେମାନଙ୍କୁ ଜେଲ୍‌କୁ ପଠାଇବା ପାଇଁ ପୁଲିସ ଏହି ଅଭିଯାନ କରୁଛି ବୋଲି ପୁଲିସ କହିଛି। ଜୋନ୍‌ୱାରୀ ଅପରାଧି ତାଲିକା ପ୍ରସ୍ତୁତ ହୋଇ ନିର୍ବାଚନ ପୂର୍ବରୁ ମୋଟ ୧୬୮ଜଣ ଅପରାଧିଙ୍କୁ ଗିରଫ କରାଯିବ ବୋଲି ଏଡିସିପି ଅନିଲ୍ କୁମାର ମିଶ୍ର କହିଛନ୍ତି। ଏଥି ସହିତ ଚୋରା ମଦ, ବ୍ରାଉନ୍‌ସୁଗର, ଗଞ୍ଜେଇ ଧରପଗଡ଼ ଅଭିଯାନକୁ ଜୋରଦାର୍ କରାଯାଇଛି ବୋଲି ସେ କହିଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜୋନ୍-୧ ଅଞ୍ଚଳରେ ୩୭, ଜୋନ୍-୨ଅଞ୍ଚଳରେ ୨୯, ଜୋନ୍-୩ ଅଞ୍ଚଳରେ ୨୫, ଜୋନ୍-୪ ଅଞ୍ଚଳରେ ୩୦, ଜୋନ୍-୫ ଅଞ୍ଚଳରେ ୨୫ ଏବଂ ଜୋନ୍-୬ ଅଞ୍ଚଳରେ ୨୨ଜଣ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଏମାନଙ୍କୁ ଗିରଫ କରାଯିବା ପାଇଁ ଥାନା ଗୁଡ଼ିକ ପକ୍ଷରୁ ଚଢଉ ଜାରି ରହିଥିବା ଜଣାପଡ଼ିଛି। ଫୋନ୍ ଟ୍ରାକିଂ ଠାରୁ ଆରମ୍ଭ କରି ପୁଲିସ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସେମାନଙ୍କ ଗତିବିଧି ଉପରେ ନଜର ରଖିଛି। ଅନ୍ୟପଟେ ସହରରେ ରାତ୍ରିକାଳୀନ ଯାଞ୍ଚ ଓ ବ୍ଲକିଂ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ବିଭିନ୍ନ ଯାନବାହନ ଯାଞ୍ଚ, ବେଆଇନ ନିଶାଦ୍ରବ୍ୟ କାରବାର ରୋକିବା ଓ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯାଉଛି। ସହରର ରାତ୍ରିକାଳୀନ ଚେକିଂ ଓ ବ୍ଲକିଂ ଦ୍ୱାରା ସନ୍ଦେହଜନକ ଭାବେ ରାତିରେ ଯିବା ଆସିବା କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଧ୍ୟାନ ଦିଆଯାଉଛି। ଥାନାୱାରୀ ବହୁ ଛୋଟବଡ ଅପରାଧୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏହାଛଡ଼ା ବିଭିନ୍ନ ଥାନା ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ଜାମିନବିହୀନ ଗିରଫ ପରୱାନା ବଳରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ନ୍ୟୁ ଷ୍ଟିୱାର୍ଟ ସ୍କୁଲର ପୁରସ୍କାର ବିତରଣ ଉତ୍ସବ




**କଟକ, ୧୯ ।୧(ସମିସ)**

ମିଶନ ରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୩୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ଅଧ୍ୟକ୍ଷ ରେଭେରାଣ୍ଡ ଡିକନ୍ ମୋଜେଶ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ରଘୁରାମ ଆୟର ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବିଶପ୍ ରାଇଟ୍ ରେଭେରାଣ୍ଡ ସୁରେନ୍ଦ୍ର କୁମାର ନନ୍ଦ, ଡାଇଓସିଆନ୍ ବୋର୍ଡ ଅଫ୍ ଏଜୁକେଶନ୍‌ର ସମ୍ପାଦକ ରେଭେରାଣ୍ଡ ଏଫ୍.ସି ନର୍ଥ, ବିଦ୍ୟାଳୟର ସମ୍ପାଦକ ବିକ୍ରମ ଏନ୍ ଆଦମ୍, କଟକ ଷ୍ଟିୱାର୍ଟ କଲେଜର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନରେ ୨୫ବର୍ଷ ପୂରଣ କରିଥିବା କର୍ମଚାରୀଙ୍କୁ ତାଙ୍କର ସେବା ନିମନ୍ତେ ପୁରସ୍କୃତ କରାଯାଇଥିଲା। ୨୦୨୨-୨୩ ବର୍ଷ ଆଇସିଏସ୍‌ଇର ବାର୍ଷିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଏବଂ ବିଭିନ୍ନ ବିଷୟରେ ଶତ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜିକା ମୌସୁମୀ ଦାସ, ସୁମିତ୍ରା ପଣ୍ଡା, ଶୀକ୍ଷୟିତ୍ରୀ ରୀନା ଦେବୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ରୋଜାଲୀନ୍ ନାୟକ, ନିବେଦିତା ରାଉତ, ସୁସ୍ମିତା ପାତ୍ର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଛାତ୍ରୀ ସ୍ନେହା ଘୋଷଙ୍କୁ ୨୦୨୨-୨୩ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ପୁରସ୍କୃତ କରାଯାଇଥିଲା। ସୁଲତା ବେହେରା ଧନ୍ୟବାଦ ଦେଇଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

**କଟକ, ୧୯ ।୧(ସମିସ):** ବିଜୁ ପଟ୍ଟନାୟକ ପାର୍କ ୱାର୍କସ କ୍ଲବ ଓ ସିମ୍ବ କଲେଜ ସିଡିଏ ସେକ୍ଟର-୧୦ ର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମଡର୍ଣ୍ଣ ଆଇ କେୟାର ଆଣ୍ଡ ସୁପର ସ୍ପେସିଆଲିଷ୍ଟ ଇନଷ୍ଟିଟ୍ୟୁସନର ତତ୍ତ୍ୱାବଧାନରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଧିବାସୀଙ୍କର ମାଗଣା ଚକ୍ଷୁ ପରୀକ୍ଷା ଚକ୍ଷୁ ବିଶେଷଜ୍ଞ ଡାକ୍ତର ବିଶ୍ୱଜିତ ଦେ, ସନ୍ତୋଷ ମନ୍ତ୍ରୀ ଓ ତାଙ୍କ ଟିମ ଦ୍ୱାରା କରାଯାଇଥିଲା। କଲେଜର ଅଧ୍ୟକ୍ଷ ମେଜର ଡ. ପୀତବାସ ମହାନ୍ତି, କଲେଜ ସମ୍ପାଦକ ସୁଶାନ୍ତ ନନ୍ଦ, ବିଜୁ ପଟ୍ଟନାୟକ ପାର୍କ ୱାକର କ୍ଲବର ଉପଦେଷ୍ଟା ପ୍ରଫେସର ଜ୍ଞାନ ଶର୍ମା, ଇଞ୍ଜିନିୟର ଅମୀୟ ତ୍ରିପାଠୀ, ପ୍ରଫେସର ପ୍ରତାପ ହରିଚନ୍ଦନ, ଲକ୍ଷ୍ମୀନାରାୟଣ ଦାସ, ଡ. ପ୍ରଦୀପ୍ତ ନନ୍ଦ, ବେଣୁଧର ପାତ୍ର, ଅମୂଲ୍ୟ ବେଉରିଆ, ଗୋବିନ୍ଦ ସାହୁ, କାର୍ଯ୍ୟକାରୀ ସମ୍ପାଦକ ପବିତ୍ର ମହାନ୍ତି ଓ ଅଶ୍ୱିନୀ ମହାନ୍ତି ଚକ୍ଷୁ ଶିବିରକୁ ପରିଚାଳନା କରିଥିଲେ।

### ବାରବାଟୀ-କଟକ ନିର୍ବାଚନ ମାମଲା

## ଦେବାଶିଷଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ

**କଟକ, ୧୯।୧(ସମିସ)**

୨୦୧୯ ମସିହା ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ଉଭୟ ଆବେଦନକାରୀ ଓ ପ୍ରତିପକ୍ଷଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ପ୍ରକ୍ରିୟା ଶେଷ ହୋଇଛି। ଏହି ମାମଲାରେ ଆଜି ଆବେଦନକାରୀ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି।

ପ୍ରତିପକ୍ଷ ବିଧାୟକ ଇଂ ମହମ୍ମଦ ମୋକିମ ଗତ ୨୦୧୯ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସମୟରେ ଯେଉଁ ସତ୍ୟପାଠ ଦେଇଥିଲେ ତାହା ମିଥ୍ୟା ଥିଲା ବୋଲି ଆବେଦନକାରୀଙ୍କ ଓକିଲ ଆଜି ଯୁକ୍ତି ଉପସ୍ଥାପନ କରିବା ସହ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ମୋକିମଙ୍କ ପକ୍ଷରୁ ମଧ୍ୟ ଏହି ମାମଲାରେ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ପରବର୍ତ୍ତୀ ଶୁଣାଣିରେ ଆବେଦନକାରୀ ବାଢିଥିବା ଯୁକ୍ତି ଉପରେ ମୋକିମଙ୍କ ଓକିଲ ଜବାବ ରଖିବା ପରେ ଉଭୟ ପକ୍ଷ ସେମାନଙ୍କ ଲିଖିତ ଜବାବ ଦାଖଲ କରିବେ। ଏଣୁ ଖୁବଶୀଘ୍ର ଏହି ମାମଲାରେ ରାୟ ଆସିବାର ସମ୍ଭାବନା ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଙ୍ଗମ ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ, ଗୋପାଳ ଅଗ୍ରୱାଲ ଓ ପ୍ରତିପକ୍ଷ ବିଧାୟକ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ପ୍ରଧାନ ମାମଲା ପରିଚାଳନା କରୁଛନ୍ତି।

ମାମଲାରୁ ପ୍ରକାଶ ଯେ, ବାରବାଟୀ-କଟକ ବିଧାନସଭା ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲ ବେଳେ ମୋକିମ ଦାଖଲ କରିଥିବା ସତ୍ୟପାଠରେ ବହୁ ତଥ୍ୟ ଲୁଚାଇଥିବାରୁ ତାଙ୍କ ସଭ୍ୟପଦ ରଦ୍ଦ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ପରାଜିତ ପ୍ରାର୍ଥୀ ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟ।

## ଉତ୍କଳ ସର୍ବୋଦୟ ମଣ୍ଡଳର ବୈଠକ



**କଟକ, ୧୯ ।୧(ସମିସ):** ଉତ୍କଳ ସର୍ବୋଦୟ ମଣ୍ଡଳର ଏକ ବୈଠକ ଗୁଣନିଧି ଭବନରେ କୈଳାସ ସାଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାନ୍ଧିଜୀଙ୍କ ବିଚାର କିଭଳି କୋଣ ଅନୁକୋଣରେ ପହଞ୍ଚାଯାଇପାରିବ ସେଥିପାଇଁ ଜନସାଧରଣ ଆଗେଇ ଆସନ୍ତୁ ବୋଲି ବକ୍ତାମାନେ କହିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ପୁରପଲ୍ଲୀରେ ପହଞ୍ଚାଇବା ପାଇଁ ଜୋନସ୍ତରୀୟ ସଭା ସମିତିର ଆୟୋଜନ କରିବା, ପିଲାମାନଙ୍କ ମଧ୍ୟରେ ଆଲୋଚନା ଚକ୍ର ମା' ରମାଦେବୀଙ୍କ ୧୨୫ତମ ଜନ୍ମଜୟନ୍ତୀ ପାଳନ ତଥା ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଆଜିର ସଭାରେ ନିଷ୍ପତ୍ତି ହୋଇଛି। ଏହି ସଭାରେ ଆଦିତ୍ୟ ପଟ୍ଟନାୟକ, ରମାକାନ୍ତ ମଣ୍ଡଳ, ଅନ୍ନପୂର୍ଣ୍ଣା ପତି, ବିଜୟଲକ୍ଷ୍ମୀ ମହାନ୍ତି, ମାଳତୀ ପାତ୍ର, ରାକେଶ ନାୟକ, ପ୍ରଦୀପ ସାହୁ, ରବୀନ୍ଦ୍ର ମହାନ୍ତି, ଇନ୍ଦୁମତୀ ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି, ମୂରଲୀଧର ଦାସ ଅଧିକାରୀ, ଖଗେଶ୍ୱର ଧଳ, ତ୍ରିଲୋଚନ କଣ୍ଟା ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ

**କଟକ, ୧୯ ।୧(ସମିସ)**




ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ କେରଳ ତଥା ଜାତୀୟ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ, ସ୍କ୍ରିପ୍ଟରାଇଟର ଏବଂ ପ୍ରଯୋଜକ ପଦ୍ମବିଭୂଷଣ ଅଦୂର ଗୋପାଳକୃଷ୍ଣନ୍ ଯୋଗଦେଇଥିଲେ। ସେ କହିଲେ ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ରାଜ୍ୟ। ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବେ ପରିଗଣିତ। ଏଠାରେ ବହୁ ବୁଦ୍ଧିଜୀବୀ ଅଛନ୍ତି ନିରଦ ମହାପାତ୍ର, ଶ୍ରୀକାନ୍ତ ନନ୍ଦ, କେଳୁଚରଣ ମହାପାତ୍ର ଓ ସଂଯୁକ୍ତା ପାଣିଗ୍ରାହୀଙ୍କ ଭଳି ମହାନ ପ୍ରତିଭା ଓଡ଼ିଶାର ଗୌରବକୁ ବଢ଼ାଇଛନ୍ତି। ମୁଖ୍ୟବକ୍ତା ଭାବେ ବିପିଏଫ୍‌ଟିଆଇର ପୂର୍ବତନ ଅଧ୍ୟକ୍ଷ ଦେବଦାସ ଛୋଟରାୟ କହିଲେ ଯେ, ଅବସର ସମୟରେ ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ସିନେମା ଦେଖିବା ଦରକାର। ଫିଲ୍ମ ଫେଷ୍ଟିଭାଲ ମଧ୍ୟ ଯିବା ଆବଶ୍ୟକ। ଏହି ଅନୁଷ୍ଠାନ ସ୍ୱତନ୍ତ୍ର ଏବଂ ସ୍ୱୟଞ୍ଚାଳିତ ଭାବେ ପରିଚାଳିତ ହେଉଛି। ସରକାରଙ୍କ ପକ୍ଷରୁ ମିଳିଥିବା ଜମି ଏହି ଅନୁଷ୍ଠାନ ପାଇଁ ଗୁରୁତ୍ୱ ବଢ଼ାଇବ ବୋଲି ସେ ମତ ଦେଇଥିଲେ। ସିନେମା ଜୀବନର ଏକ ପ୍ରମୁଖ ମାଧ୍ୟମ। ଏହାକୁ କେମିତି ଆମେ ପରିବେଷଣ କରିବା ତାହା ନିଜ ଉପରେ ନିର୍ଭର କରିଥାଏ। ଏମିତି କାମ କରନ୍ତୁ, ଯେମିତି ସବୁଠି ଗୃହୀତ ହେବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ସମ୍ମାନିତ ଅତିଥି ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାର ସଚିବ ଉଷା ପାଢ଼ୀ। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି, ବିପିଏଫ୍‌ଟିଆଇଓର ଅଧ୍ୟକ୍ଷ ସଞ୍ଜୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଦେବାଶିଷ ଘୋଶାଲ ସ୍ୱାଗତ ଭାଷଣ ଦେଇଥିଲେ। ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ତାଙ୍କ ଭିଡ଼ିଓ ବାର୍ତ୍ତାରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସିନେ ଗବେଷକ ସୂର୍ଯ୍ୟ ଦେଓଙ୍କ ତରଫରୁ ପ୍ରସ୍ତୁତ ହୋଇଥିବା ଓଡ଼ିଆ ସିନେମାର ଇତିହାସ ଉପରେ ଏକ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। ପରବର୍ତ୍ତୀ ଅଧିବେଶନରେ ବିପିଆଇଏଫଟିଓର ଛାତ୍ରଛାତ୍ରୀଙ୍କର ଓଡ଼ିଶା ଟେଲିଭିଜନ ଶିଳ୍ପକୁ କଣ ଅବଦାନ ରହିଛି ସେ ସଂକ୍ରାନ୍ତରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୋଡରେଟର ପ୍ରସନ୍ନ ଗାହାଣ ଏହାକୁ ପରିଚାଳନା କରିଥିଲା ବେଳେ ନନ୍ଦିଘୋଷର ସମ୍ପାଦକ ଶିଶିର ଭଟ୍ଟମିଶ୍ର, ସମ୍ବାଦ ଓ କନକ ନ୍ୟୁଜର ସମ୍ପାଦକ ତନୟା ପଟ୍ଟନାୟକ, ଓଟିଭି ତରଙ୍ଗର ଡିଜିଟାଲ ବ୍ୟବସାୟିକ ମୁଖ୍ୟ ଲିଟିସା ମଙ୍ଗତ ପଣ୍ଡା ଯୋଗଦେଇ ବିଜୁ ପଟ୍ଟନାୟକ ଫିଲ୍ମ ଇନଷ୍ଟିଚ୍ୟୁଟ୍‌ର ଛାତ୍ରଛାତ୍ରୀମାନେ ଆଜି କିଭଳି ସବୁ ଟେଲିଭିଜନ ସେକ୍ଟରରେ ଦକ୍ଷତାର ସହ କାର୍ଯ୍ୟ ତୁଲାଉଛନ୍ତି ସେ ସଂକ୍ରାନ୍ତରେ ଆଲୋକପାତ କରିଥିଲେ।

ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ, ସଂଳାପ ଲେଖକ ତଥା ପ୍ରଯୋଜକ ଅଦୂର ଗୋପାଳକୃଷ୍ଣ, ପ୍ରଖ୍ୟାତ ଫିଲ୍ମ ପ୍ରଯୋଜକ ଯୁଗଳ ଦେବତା, ବିପିଏଫଟିଆଇଓର ପ୍ରଫେସର ମଧୁସୂଦନ ସ, ପ୍ରଫେସର ଏଚଏନ ନାୟର, ପ୍ରଯୋଜକ ସୁଶାନ୍ତ ମିଶ୍ର, ବିପିଏଫଟିଆଇଓର ନିର୍ଦ୍ଦେଶକ ଦେବାଶିଷ ଘୋଷାଲ ପ୍ରମୁଖ ଭାଗ ନେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଲୁମ୍‌ନି ମିଟ୍‌ରେ ସୁଭ୍ରାଂଶୁ ଦାସ, ମାନସ ତରାଇ ପ୍ରମୁଖ ଯୋଗଦେଇ ସିନେମାଟୋଗ୍ରାଫିର ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ କାଳନ୍ଦୀ ଚରଣ ବରିଶଲ
ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୮.୧୨.୧୯୩୬
ସର୍ଗାରୋହଣ: ୧୬.୦୧.୨୦୧୯
ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ଏହା ହିଁ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗିନୀ ପତ୍ନୀ- ବିଷ୍ଣୁପ୍ରିୟା, ବନ୍ଧୁ, ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବରିଶଲ ପରିବାରବର୍ଗ





# ବାଉନ ବଜାର ତେପନ ଗଳି




# ଖାନନଗର

"ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା । ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ । କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ । ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର । କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ । ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ପର୍ଶରେ ଝଲସୁଛି ରୌପ୍ୟନଗରୀ । ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ । ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି । ଏବେ ଚମକୁଛି ବାଉନ ବଜାର ତେପନ ଗଳି' । ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ । କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..."




## ଖାନନଗର ନାଁ ପଛର କାହାଣୀ

ଖାନନଗର ନାଁ ପଛର ଇତିହାସ ସମ୍ପର୍କରେ ଯଦି ଜାଣିବା ଏହା ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ନ ଥିଲେ ମଧ୍ୟ ଲୋକକଥାରୁ ଶୁଣିବାକୁ ମିଳେ ପୂର୍ବେ ମୋଗଲ ଶାସନ ସମୟରେ ସ୍ଥାନୀୟ ଆଖପାଖ ଅଞ୍ଚଳରେ ଖାନ ପରିବାର ନାମରେ କିଛି ପରିବାର ବାସ କରୁଥିଲେ । ହେଲେ ନଦୀ କୂଳରେ ସେମାନଙ୍କର ଏକ ବିସ୍ତୃତ ବଗିଚା ରହିଥିଲା । ଯେଉଁଟା କି ବର୍ତ୍ତମାନର ଖାନନଗର ଅଞ୍ଚଳ । ତେଣୁ ସେହି ସମୟରୁ ଏହାକୁ ଖାନ ନଗର ଅଞ୍ଚଳ ବୋଲି ଲୋକମାନେ କହି ଆସୁଛନ୍ତି । ସେହିପରି ଖାନନଗର ଅଞ୍ଚଳରେ ଥିବା ଘାଟକୂଳ ମଧ୍ୟ ଆଗରୁ କୁଣ୍ଡାଗୋଳା ଘାଟ ଭାବରେ ପରିଚିତ ଥିଲା । ସେଠାରେ ଏକ ବିଶାଳ ଘୋଡାଶାଳ ରହିଥିଲା । ଉକ୍ତ ଘୋଡାଶାଳର ଘୋଡାମାନେ ସେହି ଘାଟରେ ବିଚରଣ କରିବା ସହ ସେଠାରେ କୁଣ୍ଡା ଖାଉଥିବାରୁ ତା'ର ନାମକରଣ କୁଣ୍ଡାଗୋଳା ଘାଟ ରହିଥିବାର ଜଣାପଡ଼ିଛି ।

## ଖାନନଗରର ପରିସୀମା

କଟକ ମହାନଗର ନିଗମ ୱାର୍ଡ ନଂ ୪୫ରେ ରହିଛି ଖାନନଗର । ଏହି ଅଞ୍ଚଳ ଦୁଇଟି ଥାନା ମଧୁପାଟଣା ଓ ବାଦାମବାଡ଼ି ପରିସୀମା ମଧ୍ୟରେ ଆସିଥାଏ । ଖାନନଗରର ସୀମା ପୂର୍ବପଟେ ଘାଟକୂଳ ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହେଉଥିବା ବେଳେ ପଶ୍ଚିମରେ ମଲାଚଣ୍ଡିଆ ଛକ ନିକଟରେ ଶେଷ ହୋଇଥାଏ । ସାହିର ଦକ୍ଷିଣ ପାର୍ଶ୍ୱରେ ବିସ୍ତୀର୍ଣ୍ଣ କାଠଯୋଡି ନଦୀ ଥିବାବେଳେ ଉତ୍ତର ପାର୍ଶ୍ୱରେ ସାହିର ସୀମା ସୂର୍ଯ୍ୟ ବିହାର ଅରୁଣୋଦୟ ନଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଛି ।

## ଖାନନଗରରେ ଥିବା ବିଭିନ୍ନ ସାହି

ଘାଟକୂଳ ଛକ, ନେତାଜୀ ନଗର, ଶିଳ୍ପାଞ୍ଚଳ, ଲିଙ୍କରୋଡ, ନୟାଚୌକ, ସୂର୍ଯ୍ୟବିହାର, ଅରୁଣୋଦୟ ନଗର, ହାଇକୋର୍ଟ କଲୋନୀ, କାଳୀ ବିହାର, ଗୋପାଳ ସାହି, ଗୁରୁ ସାହି, କୈବର୍ତ୍ତ ସାହି, ଗୁଡ଼ିଆ ସାହି, ବାରିକ ସାହି, ବ୍ରାହ୍ମଣ ସାହି, ବେତବିନ୍ଧାଣୀ ସାହି, ଆଠଘରିଆ ସାହି, ନୂଆ ସାହି, ମଝି ସାହି ଓ ଧୋବାସାହିକୁ ନେଇ ଖାନନଗର ଅଞ୍ଚଳ ଗଠିତ ।

## ସାହିରେ ଥିବା ବିଭିନ୍ନ କ୍ଲବ୍ ଓ ଯୁବକ ସଂଘ

ଖାନନଗର ଯୁବକ ସଂଘ, ବିଘ୍ନେଶ୍ୱର କ୍ଲବ, ୟଙ୍ଗ ଉତ୍କଳ କ୍ଲବ୍ ସମେତ ବିଭିନ୍ନ ସାହିର ଅନ୍ୟାନ୍ୟ କ୍ଲବ ଓ ସଂଗଠନ ଖାନନଗରର ଗୌରବ ବଢ଼ାଇଛି ।

## ସାହିର ବିଶିଷ୍ଟ ବ୍ୟକ୍ତିବିଶେଷ

ସାହିର ବିଶିଷ୍ଟ ବ୍ୟକ୍ତିମାନେ ହେଲେ ନାଟ୍ୟକାର ସ୍ୱର୍ଗତ ଗୋଲକ ଚନ୍ଦ୍ର ମହାନ୍ତି, ସ୍ୱର୍ଗତ ପହ୍ଲାଦ ମଙ୍ଗୁଆଳ, ସ୍ୱର୍ଗତ ଭିକାରୀ ଚରଣ ସାହୁ, ସ୍ୱର୍ଗତ ବାବାଜୀ ଚରଣ ସାହୁ, ସ୍ୱର୍ଗତ ଅଲେଖ ଚନ୍ଦ୍ର ସାହୁ, ସ୍ୱର୍ଗତ କ୍ଷେତ୍ରମୋହନ ସାହୁ, ସ୍ୱର୍ଗତ ବଳି ସାହୁ, ସ୍ୱର୍ଗତ ରମେଶଚନ୍ଦ୍ର ସାହୁ, ସ୍ୱର୍ଗତ ବାବାଜୀ ବେହେରା, ସ୍ୱର୍ଗତ ବୁଲା ସାହୁ, ସ୍ୱର୍ଗତ କୃଷ୍ଣଚନ୍ଦ୍ର ବେହେରା, ସ୍ୱର୍ଗତ ପରମାନନ୍ଦ ସାହୁଙ୍କ ସହ ଡ. କୈଳାଶ ଚନ୍ଦ୍ର ସାହୁ, ଡ. ରସାନନ୍ଦ ମଙ୍ଗୁଆଳ, ସୁବାଷ ଚନ୍ଦ୍ର ବେହେରା, ଶରତ କୁମାର ସାହୁ, କାଙ୍ଗାଳି ସାହୁ, ପୂର୍ବତନ ମେୟର ମିନାକ୍ଷୀ ବେହେରା, ପୂର୍ବତନ କର୍ପୋରେଟର ଅକ୍ଷୟ ବେହେରା, ପୂର୍ବତନ କର୍ପୋରେଟର ସ୍ୱର୍ଗତ ହେମନ୍ତ ସାହୁ ପ୍ରମୁଖ ।

## ସାହିର ସମସ୍ୟା

ସାହିର ପ୍ରମୁଖ ସମସ୍ୟା ହେଉଛି ବର୍ଷାଦିନେ ଜଳ ନିଷ୍କାସନ । ଏହା ସହ ନଦୀବନ୍ଧ ପାର୍ଶ୍ୱରେ ରହୁଥିବା ଲୋକମାନେ ଦୀର୍ଘ ବର୍ଷ ହେବ ପାନୀୟ ଜଳ ଠିକ ଭାବେ ପାଇପାରୁ ନ ଥିବା ଅଭିଯୋଗ ହୋଇଛି । ଏହି ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରନି ।

## ଖାଦ୍ୟ ଦେଇଛି ପରିଚୟ

ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ପାଇଁ ଖାନନଗର ଅଞ୍ଚଳ ପ୍ରସିଦ୍ଧି ଲାଭ କରିଛି । ସଦାନନ୍ଦ ସାହୁ ଓ ଲିଙ୍ଗରାଜ ସାହୁଙ୍କ ସୁସ୍ୱାଦୁ ମୁଆଁ, ନାଥ ସାହୁ ଓ ରବୀନ୍ଦ୍ରନାଥ ସାହୁଙ୍କ ବିଭିନ୍ନ ପ୍ରକାରର ପିଠା ମିଠା, ସ୍ୱର୍ଗତ ଧୋବା ସାହୁ ଓ ଦୈତାରୀ ସାହୁଙ୍କ ଘଣା ତେଲ, ନଣ୍ଡାଭାଇ ହୋଟେଲର ଖାସି ମାଂସ ତରକାରୀ, ଝରିଆ ନନାଙ୍କ ଚାଉଳ ଅଟା ସିଙ୍ଗଡା, ନୁରି ସାହୁଙ୍କ ଗୋଡ ସରୁଆ ମୁଣ୍ଡ ତରକାରୀ ଖାନନଗର ଅଞ୍ଚଳର ପରିଚୟ ପାଲଟିଛି ।



## ସାହିରେ ଥିବା ପ୍ରମୁଖ ଅନୁଷ୍ଠାନ

ଖାନନଗର ଅଞ୍ଚଳ ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳ ହୋଇଥିବା ବେଳେ ଏଠାରେ ନୂତନ ଭାବେ ନିର୍ମିତ ସିଏନବିଟି ବସ ଷ୍ଟାଣ୍ଡ, ଖପୁରିଆ ଆଇଟିଆଇ, ଜିଲ୍ଲା ଶିଳ୍ପକେନ୍ଦ୍ର, ଜନ ବିଶୋଧାନଗାର, ଓଡ଼ିଶା ସରକାରୀ ମୁଦ୍ରଣ ଛାପା କାରଖାନା, ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟ, ରଙ୍ଗ କାରଖାନା, ବତକ ପ୍ରଜନନ କେନ୍ଦ୍ର, କୁକୁଡା ଫାର୍ମ, ହିମୀକୃତ ଶୁକ୍ରାଣୁ ଭଣ୍ଡାର ରହିଥିବା ବେଳେ । ଖାନନଗର ହାଇସ୍କୁଲ, ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠ, କେନ୍ଦ୍ରୀୟ ବିଦ୍ୟାଳୟ -୨ ରହିଛି । ଏଥି ସହ ସାହିରେ ମଞ୍ଜୁଲତା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି ।









## ସାହିରେ ଥିବା ପ୍ରମୁଖ ଧର୍ମାନୁଷ୍ଠାନ

କଟକର ମନ୍ଦିର ମାଳିନୀ ସାହି କହିଲେ ଖାନନଗରକୁ ବୁଝାଇଥାଏ । ସାହିରେ କୌଣସି ମସଜିଦ କିମ୍ବା ଚର୍ଚ୍ଚ ନ ଥିବା ବେଳେ ସାହିରେ ପଞ୍ଚମୁଖୀ ହନୁମାନ ମନ୍ଦିର, ରଣା ମା ମନ୍ଦିର, ଜଗନ୍ନାଥ ମନ୍ଦିର, ସୁନାଦେଇ ଠାକୁରାଣୀ, ମଣି ମନ୍ଦିର, ତାରିଣୀ ମନ୍ଦିର, ବିଶିସାହୁ ମଠ, ଗେଡୁବାବା ମଠ, ଗୋପାଳଜୀୟୁ ଠାକୁର, ବଂଶୁରୀ ଗୋପୀନାଥଜୀୟୁ, ହନୁମାନ ମନ୍ଦିର, ବାଶେଳୀ ଠାକୁରାଣୀ, ଗଡେଶ୍ୱର ମନ୍ଦିର, ଭଗବତୀ ମନ୍ଦିର, ଦିବାକାର ସାହୁ ମଠ, ଶ୍ୟାମସୁନ୍ଦର ମଠ, ଉତ୍ତରାୟଣୀ, ଶ୍ରୀ ଶ୍ରୀ ଆଣ୍ଟୁଆଗୋପାଳଜୀୟୁ ମନ୍ଦିର, ତ୍ରିନାଥ ମନ୍ଦିର, ଚନ୍ଦ୍ରଶେଖର ମନ୍ଦିର, ପୁରୁଷୋତ୍ତମଜୀୟୁ ମନ୍ଦିର, ଦକ୍ଷିଣ କାଳୀ, ଶ୍ମଶାନ କାଳୀ, ସାଇବାବା ମନ୍ଦିର ଓ ଜଳେଶ୍ୱରୀ ମନ୍ଦିର ରହିଛି ।

## ପର୍ବପର୍ବାଣୀ ଓ ଯାନିଯାତରା

ସାହିରେ ୧୨ ମାସରେ ୧୩ ଯାତ୍ରା ହେଉଥିବା ବେଳେ ଦୁର୍ଗାପୂଜା, କାଳୀପୂଜା, ଗଣେଶ ପୂଜା ଓ ସରସ୍ୱତୀ ପୂଜା ବଡ଼ ଧୂମଧାମରେ ପାଳିତ ହୋଇଥାଏ । ସାହିର ଥିବା ବିଭିନ୍ନ ଶିବ ମନ୍ଦିରରେ ଶିବରାତ୍ରି ପାଳିତ ହେଉଥିବା ବେଳେ, ବଂଶୁରୀ ଗୋପୀନାଥ ଜୀୟୁ ଓ ଗୋପାଳଜୀୟୁଙ୍କ ନିକଟରେ ଦୋଳଯାତ୍ରା ଓ ଚନ୍ଦନ ଯାତ୍ରା ମଧ୍ୟ ପାଳନ କରାଯାଇଥାଏ । ସେହିପରି ବାଶେଳୀ ଠାକୁରାଣୀଙ୍କ ଚୈତ୍ର ପୂର୍ଣ୍ଣିମା, ପଞ୍ଚମୁଖୀ ହନୁମାନ ଓ ସଙ୍କଟମୋଚନ ହନୁମାନଙ୍କ ମହାବିଷୁବ ସଂକ୍ରାନ୍ତି, ଗ୍ରାମଦେବୀ ରଣା ମା'ଙ୍କ ହାଣ୍ଡିଭଙ୍ଗା ଯାତ୍ରାରେ ମଧ୍ୟ ସାହି ଉତ୍ସବମୁଖର ହୋଇପଡେ । ଏଥି ସହ ହଜି ଆସୁଥିବା ରାମଲୀଳା ପରମ୍ପରା ମଧ୍ୟ ଆଜି ପର୍ଯ୍ୟନ୍ତ ଖାନନଗର ଅଞ୍ଚଳବାସୀ ବଞ୍ଚାଇ ରଖି ଆସିଛନ୍ତି । ସାହିରେ ଥିବା ଦୁଇଟି ଅନୁଷ୍ଠାନ ବଂଶୁରୀ ଗୋପୀନାଥ ଜୀୟୁ ରାମଲୀଳା ପ୍ରଚାର ସମିତି ଓ ଗୋପାଳଜୀୟୁ ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳା ନାଟକ ମଧ୍ୟ ପରିବେଷଣ ହୋଇଥାଏ । ସାହିରେ ରଥଯାତ୍ରା ଓ ପଣ୍ଡୁଓଷା ବିଭିନ୍ନ ମନ୍ଦିରରେ ଧୂମଧାମରେ ପାଳନ କରାଯାଇଥାଏ । ସାହିରେ ବାସ କରୁଥିବା ତୈଳିକ ଓ ମଧୁ ବୈଶ୍ୟ ଜାତି ଲୋକଙ୍କ ପକ୍ଷରୁ ଅଗି ପୂର୍ଣ୍ଣୀମା ଅବସରରେ ଗୋପାଳଜୀୟୁଙ୍କ ନିକଟରେ ଅଷ୍ଟପ୍ରହରୀର ଆୟୋଜନ କରାଯାଇଥାଏ ।




## ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି କର୍ମକର୍ତ୍ତା



ସଭାପତି ସୁବାସ ଚନ୍ଦ୍ର ବେହେରା, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ବେହେରା, ଶାନ୍ତାୟନ ମିଶ୍ର, ଉପସଭାପତି ରବୀନ୍ଦ୍ର ନାଥ ସାହୁ, ଶଙ୍କର ରାଉତ, ଲଳିତ ମୋହନ ସାହୁ, ଲିଙ୍ଗରାଜ ସାହୁ, ସମ୍ପାଦକ ଶରତ ସାହୁ, ଲକ୍ଷ୍ମୀକାନ୍ତ ବେହେରା, ଭବରଞ୍ଜନ ସାହୁ, ଲମ୍ବୋଦର ରାଉତ, ଦେବାଶିଷ ସାହୁ, ଜ୍ଞାନେଷୁ ଭୂଷଣ ନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଯୁବକ ସଂଘ ସଭାପତି ସୀତାରାମ ବେହେରା, ଯୁବକ ସଂଘ ସମ୍ପାଦକ ପ୍ରତାପ କୁମାର ସାହୁ ।

## ସାହିର ବିଶେଷତ୍ୱ

ଖାନନଗର ପୂଜା କମିଟି ଓ କମିଶନରେଟ ପୁଲିସର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଏକ ଘରୋଇ ପାଠଗାରର ବ୍ୟବସ୍ଥା କରାଯାଇଛି । ଖାନନଗର ପୂଜା କମିଟି ପକ୍ଷରୁ ଜାଗା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିବା ବେଳେ ପୁଲିସ ପକ୍ଷରୁ ପିଲାମାନଙ୍କ ପାଇଁ ବହି ଯୋଗାଇ ଦିଆଯାଇଛି । ଏହା ଦ୍ୱାରା ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇପାରୁଛନ୍ତି ।



## ସବୁଠୁ ଅଧିକ ଶ୍ମଶାନ

କଟକ ସହରର ସବୁଠାରୁ ଅଧିକ ଶ୍ମଶାନ ଦେଖିବାକୁ ମିଳେ ଖାନନଗର ଅଞ୍ଚଳରେ । ଶ୍ମଶାନ କାଳୀଙ୍କ ନିକଟରେ ଗୋଟିଏ କାଠ ଚୁଲା ଶ୍ମଶାନଠୁ ଆରମ୍ଭ କରି କଂସାରୀକୁଦ ଶ୍ମଶାନ ଓ ସ୍ୱର୍ଗଧାମ ଶ୍ମଶାନ ପର୍ଯ୍ୟନ୍ତ ।






ସମସ୍ତଙ୍କୁ ନୂଆବର୍ଷର ହାର୍ଦ୍ଦିକ ଅଭିନନ୍ଦନ । ମୋ କାର୍ଯ୍ୟକାଳ ସମୟରେ ଖାନନଗର ଅଞ୍ଚଳରେ ଆମେ ପ୍ରଥମ ସ୍ମାର୍ଟ ଲେନ ନିର୍ମାଣ ସହ ଅରୁଣୋଦୟ ନଗରରେ ମଧ୍ୟ ଏକ ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଛି । ଆଗାମୀ ଦିନରେ ଖାନନଗର ନଦୀ ବନ୍ଧ ରାସ୍ତା ସମ୍ପ୍ରସାରଣ କରାଯାଇ ୬ ଲେନ ବିଶିଷ୍ଟ ରାସ୍ତା କରାଯିବା ସହ ଖାନନଗର ଅଞ୍ଚଳରେ ଏକ ବଡ଼ ଡ୍ରେନ ନିର୍ମାଣ କରାଯିବାର ଯୋଜନା ରହିଛି । ଯାହା ଫଳରେ ଆଉ ଖାନନଗର ଅଞ୍ଚଳରେ ବର୍ଷାଦିନରେ ଜଳବନ୍ଦୀ ସମସ୍ୟା ଦେଖାଯିବନି ।

**ଗୋପାଳ ବେହେରା, କର୍ପୋରେଟର ୱାର୍ଡ ନଂ ୪୫**



ମୋତେ ୮୦ ଟପିଲାଣି । ଆମ ବେଳର ଖାନନଗର ଆଉ ଆଜିର ଖାନନଗର ମଧ୍ୟରେ ଆକାଶପାତାଳ ଫରକ । ସେତେବେଳେ ଏତେ କୋଠାବାଡ଼ି ନ ଥିଲା କି ବିଦ୍ୟୁତ ବ୍ୟବସ୍ଥା ମଧ୍ୟ ନ ଥିଲା । ଖୁଣ୍ଟ ଗୁଡିକରେ କିରାସିନ ବତି ଜଳୁଥିଲା । ସେ ସମୟରେ କାଠଯୋଡି ପୂରା ସଫା ଥିଲା ଫଳରେ ଆମେ ନଦୀ ପାଣି ବ୍ୟବହାର କରୁଥିଲୁ । ହେଲେ ବର୍ତ୍ତମାନ ନଦୀରେ ପାଣି ତ ନାହିଁ ବରଂ ନଦୀରେ ନର୍ଦ୍ଦମା ପାଣି ମିଶୁଛି । ପରିବେଶ ପ୍ରଦୂଷିତ ହେଉଛି ।

**ଅଭିନ୍ନଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ**



ମୋତେ ବର୍ତ୍ତମାନ ୮୬ ବର୍ଷ ହେଲାଣି ୧୪ ବର୍ଷ ବୟସରେ ମୁଁ ବାହା ହୋଇ ଏଠାକୁ ଆସିଥିଲି । ଖାନ ନଗରରେ ମୁଁ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କାଟିସାରିଲିଣି । ମୋ ଆଖି ଆଗରେ ଅନେକ ଲୋକ ଆରପାରିକୁ ଚାଲିଗଲେଣି । ଅନେକ କିଛି ବଦଳି ଗଲାଣି । ଆଗରୁ ଆମେ ବିଭିନ୍ନ ବୁଦାମୂଳେ ଶୌଚ ହେଉଥିବା ବେଳେ କାଠଯୋଡି ନଦୀରେ ସ୍ନାନ କରୁଥିଲୁ । ହେଲେ ଏବେ ଘରେ ଘରେ ଶୌଚାଳୟ ତିଆରି ହୋଇଗଲାଣି ।

**ସାଧବାଣୀ ସାହୁ, ବରିଷ୍ଠ ନାଗରିକ**



ଖାନନଗର-ଖପୁରୀଆ ଶିଳ୍ପାଞ୍ଚଳ ପୂଜା କମିଟି କେବଳ ପୂଜାରେ ନିଜକୁ ସୀମିତ ରଖିନି ବରଂ ଅନେକ ସାଂଗଠନିକ ସମାଜସେବା କାର୍ଯ୍ୟରେ ମଧ୍ୟ ନିଜକୁ ସାମିଲ କରିଛି । ଯେତେବେଳେ ବନ୍ୟା, ବାତ୍ୟା ଓ କରୋନା ମହାମାରୀ ଆସିଛି ପୂଜା କମିଟିର କର୍ମକର୍ତ୍ତାମାନେ ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କୁ ସାହାଯ୍ୟ ସହଯୋଗ କରିଛୁ । ଆମ ଅଞ୍ଚଳରେ ବିବାଦ ନ କହିଲେ ଚଳେ । ଯେତେବେଳେ ବି କିଛି ବିବାଦ ସୃଷ୍ଟିହୁଏ ସାହିର ଯୁବଗୋଷ୍ଠୀ ଓ ମୁରବୀମାନେ ମିଳିତ ଭାବେ ଏହାର ସମାଧାନ କରିଥାଉ ।

**ପ୍ରଫୁଲ୍ଲ ସାହୁ, ସାଧାରଣ ସମ୍ପାଦକ, ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି**

## ନିଆଳି ପ୍ରାଣୀ ଚିକିତ୍ସା କେନ୍ଦ୍ର

# ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ଚିକିତ୍ସା ବାଧାପ୍ରାପ୍ତ

**ନିଆଳି, ୧୯।୧(ସମିସ):**

ନିଆଳି ଅଞ୍ଚଳ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦନ ପାଇଁ ସାରା ଜିଲ୍ଲାରେ ପ୍ରମୁଖ ସ୍ଥାନ ଭାବେ ମାନ୍ୟତା ପାଇଥାଏ। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଛେଳି, ମେଣ୍ଢା, ଘୁଷୁରୀ, କୁକୁଡ଼ା ଆଦି ପାଳନ କରି ସେମାନଙ୍କ ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର ପ୍ରାଣୀ ଚିକିତ୍ସକଙ୍କ ବିଭିନ୍ନ ଦାବି ନେଇ ସେମାନେ ଆନ୍ଦୋଳନରେ ବସିଥିବା ବେଳେ ନିଆଳି ପ୍ରାଣୀ ଚିକିତ୍ସକ ମଧ୍ୟ ସେଥିରେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରାଣୀ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ବିଭିଓ ମୃତ୍ୟୁଞ୍ଜୟ ବେହୁରା ଓ ଉପମୁଖ୍ୟ ଚିକିତ୍ସକ ସୁନିଲ୍ ମନୋହର ପରିଡ଼ା ଅନୁପସ୍ଥିତ ଥିଲେ। ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ପ୍ରାଣୀ ଚିକିତ୍ସାଳୟ




ଖୋଲିଥିବା ବେଳେ ଡାକ୍ତର ନ ଥିବାରୁ ପଶୁଙ୍କ ଚିକିତ୍ସା ପାଇଁ ଆସିଥିବା ଚାଷୀମାନେ ଫେରୁଥିବା ଦେଖିବାକୁ ମିଳିଛି। ଯଦି ଏପରି ଅବ୍ୟବସ୍ଥା ଲାଗି ରହେ ତେବେ ଉକ୍ତ ଅଞ୍ଚଳରେ ଗୋମଡ଼କ, ମଇଁଷି ମୃତ୍ୟୁ ଓ କୁକୁଡ଼ା, ବତକ, ଘୁଷୁରୀଙ୍କ ମୃତ୍ୟୁ ଘଟିବା ସହ ଅନେକ ପକ୍ଷୀ ଓ ମାଙ୍କଡ଼ଙ୍କୁ ସୁରକ୍ଷା ଦେବ କିଏ ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି। ଏ ନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବା ବେଳେ ଏବେ ଡାକ୍ତରଙ୍କ ଅନୁପସ୍ଥିତି ଓ ଆନ୍ଦୋଳନ ଯୋଗୁଁ ନିଆଳିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଡାକ୍ତରମାନେ ଆନ୍ଦୋଳନ ଚଳାଇଥିବା ବେଳେ କେବେ କାର୍ଯ୍ୟରେ ଯୋଗଦେବେ ଓ ପ୍ରାଣୀମାନଙ୍କ ଚିକିତ୍ସା କରିବେ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଡିପିଏସ୍ କଳିଙ୍ଗର ବାର୍ଷିକ ଉତ୍ସବ

**● ବାର୍ଷିକ ମୁଖପତ୍ର 'କଳିଙ୍ଗା ଫୁଟପ୍ରିଣ୍ଟସ୍' ଉନ୍ମୋଚିତ**

**ଫୁଲନଖରା, ୧୯।୧(ସମିସ):** ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବାର୍ଷିକ ଉତ୍ସବ 'କାରବାଁ'ର ଶୁଭ ଉଦ୍‌ଘାଟନ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଅନୁରାଧା ରକ୍ଷିତ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନୃସିଂହ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ୱିଙ୍ଗ୍ କମାଣ୍ଡର ରାଜଲକ୍ଷ୍ମୀ ପୃଥ୍ୱୀରାଜ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ବାର୍ଷିକ ବିବରଣୀ ପାଠ କରିବା ସହ ପ୍ରତ୍ୟେକ ବର୍ଷ ସିବିଏସ୍‌ସି ପରିଚାଳିତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଅର୍ଜନ କରିବା ସହ ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିବା ଗୌରବମୟ ବିଷୟ ବୋଲି ପ୍ରତିପାଦନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବିବିଧ ବାଦ୍ୟ ଯନ୍ତ୍ରାଂଶରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନ, ପାରମ୍ପରିକ ନୃତ୍ୟ 'ଦେବୀ', 'କଳିଙ୍ଗ ଗୀତମାଳା' ଏବଂ ଗୀତାଭିନୟ 'ଅଶୋକ' ବେଶ୍ ଚିତ୍ତାକର୍ଷକ ଓ ଶିକ୍ଷଣୀୟ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'କଳିଙ୍ଗା ଫୁଟପ୍ରିଣ୍ଟସ୍' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଏକଜିକ୍ୟୁଟିଭ୍ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପାଧ୍ୟକ୍ଷା ସ୍ୱାତୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନଡିଆରଏଫରେ ୧୯ ତମ ରେଜିଙ୍ଗ ଡେ ପାଳିତ




**ବାରଙ୍ଗ, ୧୯।୧(ସମିସ):** ବାରଙ୍ଗ ନରାଜସ୍ଥିତ ୩ୟ ବାଟାଲିୟନ ଏନଡିଆରଏଫର ୧୯ ତମ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ବୃଦ୍ଧି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଟାଲିୟନ କ୍ୟାମ୍ପସରେ ଇନ୍ସପ/ଏକ୍ସ ଆର ଏସ ରାଣାଙ୍କ ନିର୍ଦ୍ଦେଶରେ ଏକ ପରେଡ ଆୟୋଜିତ ହୋଇଥିଲା। ଏନଡିଆରଏଫ୍ ମୁଣ୍ଡଳୀର ଦ୍ୱିତୀୟ ଇନ୍-କମାଣ୍ଡ ଶ୍ରୀ ବର୍ଦ୍ଧମାନ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। କହିଥିଲେ ଯେ ୧୯ ଜାନୁଆରୀ ୨୦୦୬ ରେ ଏନଡିଆରଏଫର ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଏନଡିଆରଏଫରେ ସମସ୍ତ ପାରା-ସାମରିକ ବାହିନୀର ୧୬ଟି ବାଟାଲିୟନ ଅଛି। ନିସ୍ୱାର୍ଥପର ସେବା ତଥା ବିପର୍ଯ୍ୟୟ ପରିଚାଳନାରେ ଶ୍ରେଷ୍ଠତା ପାଇଁ ଏନଡିଆରଏଫ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ବେଶ ସୁନାମ ଅର୍ଜନ କରିଛି। ଗତବର୍ଷ ବାହାନଗା ଟ୍ରେନ୍ ଦୁର୍ଘଟଣା ସମୟରେ ଓଡ଼ିଶାରେ ଏନଡିଆରଏଫ ମୁଣ୍ଡଳୀର ବଡ ଭୂମିକା ବିଷୟରେ ସେ କହିଥିଲେ।

# ଆଠଗଡ଼ ବ୍ଲକରେ 'ମୋ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସମୀକ୍ଷା

**ଆଠଗଡ଼, ୧୯।୧(ସମିସ):** ଆଠଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ରାଶିରୁ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରରିପ୍ରେକ୍ଷୀରେ ଆଠଗଡ଼ ବ୍ଲକ ଅନ୍ତର୍ଗତ ୩୪ଟି ଗ୍ରାମପଞ୍ଚାୟତରେ ବିଭିନ୍ନ ଗ୍ରାମରେ ଥିବା ବିଭିନ୍ନ ଧାର୍ମିକ ଅନୁଷ୍ଠାନର ନିର୍ମାଣ ଓ ନବୀକରଣ ପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଲେଖାଏଁ ମୋଟରେ ୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ସହାୟତା ରାଶିର ସଠିକ ବିନିଯୋଗ କରାଯାଇ ମାସକ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ଼ ବ୍ଲକ ମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ଉପାଧ୍ୟକ୍ଷ ସୁବାଷ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତୀ ଗାଗରାଇ, ସଭ୍ୟ ବଳଭଦ୍ର ବାଘ, ଆଠଗଡ଼ ବିଡିଓ ପ୍ରଦୀପ ସାହୁ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡେଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# କୋର୍ଟ ମ୍ୟାରେଜ ବେଳେ ପୁଲିସ୍ ପ୍ରେମିକ ଫେରାର

**ନରସିଂହପୁର, ୧୯।୧(ସମିସ):** କୋର୍ଟରୁ ଖସିଗଲା ପ୍ରେମିକ ପୁଲିସ। ଘଟଣା ଘଟିଛି ନରସିଂହପୁର ଶରଧାପୁର ଗାଁରେ ଜଣେ ୨୬ ବର୍ଷୀୟ ଯୁବତୀ ଖାରୋଡ଼ ଗାଁର ଆଲୋକ ବଡ଼ଜେନାଙ୍କୁ ଭଲ ପାଉଥିଲେ। କିଛି ମାସ ତଳେ ଦୁହିଁଙ୍କର ମୁଦିପିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ପୁଅ ଓ ଝିଅଙ୍କର ପରିବାର ଲୋକଙ୍କର ଉପସ୍ଥିତରେ ଗତ ୧୮ ତାରିଖ ଗୁରୁବାର ଦିନ ସ୍ଥାନୀୟ ଦକ୍ଷିଣକାଳୀ ମନ୍ଦିରରେ ବୈଦିକ ରୀତିନୀତିରେ ବିବାହ ହୋଇଥିଲା। ହେଲେ ଶୁକ୍ରବାର ଦିନ ନରସିଂହପୁର କୋର୍ଟ ପରିସରରେ କୋର୍ଟ ମ୍ୟାରେଜ ସମୟରେ ଫେରାର ହୋଇ ଯାଇଥିଲେ ପୁଲିସ ପ୍ରେମିକ। ଏହି ଘଟଣାକୁ ନେଇ ଏବେ ସାରା ନରସିଂହପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ପାଇପ ମାଡ଼ରେ ଶ୍ରମିକଙ୍କ ମୃତ୍ୟୁ

**ବାରଙ୍ଗ, ୧୯।୧(ସମିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳୀସ୍ଥିତ ୱାଟକୋ ଅଧୀନ ନିର୍ମାଣଧୀନ ଜଳ ଯୋଗାଣ ପ୍ରକଳ୍ପରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପରେ ନିର୍ମାଣ ପାଇଁ ଗାଡି ଯୋଗେ ଆସୁଥିବା କଂକ୍ରିଟ ଢଳେଇକୁ ପାଇପ ସାହାଯ୍ୟରେ ସ୍ଥାନାନ୍ତର କରିବା ସମୟରେ ଉକ୍ତ ପାଇପ ଛିଟିକି ପଡ଼ି ଶ୍ରମିକଙ୍କ ଛାତିରେ ବାଜିଥିଲା। ଫଳରେ ଶ୍ରମିକଙ୍କୁ ସଙ୍ଗେ ସଙ୍ଗେ କଟକର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା।। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଶ୍ରମିକଙ୍କ ନାମ ବିକ୍ରମ (୨୯) ବୋଲି ଜଣାପଡ଼ିଛି। ଅନ୍ୟ ପକ୍ଷରେ ଉକ୍ତ ଢଳେଇ ପାଇପକୁ ୪ ଜଣ ଧରି ନେବା କଥା ମାତ୍ର ଜଣେ ଶ୍ରମିକ ଦ୍ୱାରା ତାକୁ କିଭଳି ସ୍ଥାନାନ୍ତର କରାଯାଉଥିଲା ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ନିଶ୍ଚିନ୍ତକୋଇଲି, ୧୯।୧(ସମିସ):** ଖଣ୍ଡାୟତ ପଟକିରା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଜମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱାଗତିକା ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବନ୍ଦନାମୟୀ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଶୁତୋଷ ତ୍ରିପାଠୀ, ସିଆରସିସି ପ୍ରଭାତ ବେହେରା, ପ୍ରାକ୍ତନ ଶିକ୍ଷକ ଭଗବାନ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ଭୈରବଚନ୍ଦ୍ର ମହାନ୍ତି, ପ୍ରାକ୍ତନ ସିଆରସିସି ବିରଞ୍ଚି ନାରାୟଣ ପାଣି, ପରିଚାଳନା କମିଟି ସଭାପତି ନରହରି ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ କ୍ଷଣପ୍ରଭା ନାୟକ, ସୋନାଲି ବେହେରା, କୁନାଲ ଚନ୍ଦ୍ର ପରିଡ଼ା, ଲିୟାକୁଦ୍ଦିନ୍ ଖାଁ, ଅଜୟ ଦାସ, ବିଜୟ ବାରିକ, ଭାଗ୍ୟଶ୍ରୀ ରାଉତ, ଅମରନାଥ ସେଠୀ କ୍ରୀଡ଼ା ପରିଚାଳନା କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ


ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ


ବାସୁଦେବ ଉଚ୍ଚ ବିଦ୍ୟାଳୟ


ଝୁନଝୁନୱାଲା ବିଦ୍ୟାପୀଠ


ରାମଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟ

**ଟାଙ୍ଗୀ, ୧୯।୧(ସମିସ):** ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ପୁରସ୍କାର ବିତରଣୀ ଉତ୍ସବ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାନପୁରସ୍ଥିତ ମାଧ୍ୟମିକ ବିଦ୍ୟାଳୟ (ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ) ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ ମୁଖ୍ୟଅତିଥି, ସରପଞ୍ଚ ଦିପ୍ତିମୟୀ ବେହେରା, ପଞ୍ଚାୟତ ବିଜେଡି ସଭାପତି ଅରୁଣ ପ୍ରକାଶ ରାଉତରାୟ, ସାମାଜିକ କର୍ମୀ ଅଜୟ ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନବକିଶୋର ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉତ୍ସବରେ ଉପସ୍ଥିତ ଥିଲେ।

**ବଡମ୍ବା :** ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଚାରିଟି କ୍ଲବ୍ ଯଥା ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନର ବିଭିନ୍ନ ସୃଜନଶୀଳ ପ୍ରକଳ୍ପ ଗୁଡିକୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ବିଶେଷତଃ ସାହିତ୍ୟ ସୃଜନୀ ପ୍ରକଳ୍ପ ମଧ୍ୟରେ ପୁସ୍ତକମେଳା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ନବମ ଶ୍ରେଣୀର ୭୦ ଜଣ ଓ ଦଶମ ଶ୍ରେଣୀର ୬୧ ଜଣ ଛାତ୍ରଛାତ୍ରୀଙ୍କର 'ମୋ କଥା ମୋ କାହାଣୀ' ଶୀର୍ଷକ ୧୩୧ଟି ପୁସ୍ତକ ମେଳାରେ ଉନ୍ମୋଚିତ ହୋଇଥିଲା। ପ୍ରଧାନଶିକ୍ଷକ କାମରାଜ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳର ଶିକ୍ଷାବିତ୍ ପ୍ରସନ୍ନ କୁମାର ବରାଡ଼ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସମ୍ପାଦକ ବିଜୟ ଛତ୍ର, ବଡମ୍ବା ଓଷ୍ଟା ଶାଖାର ସଭାପତି ଶ୍ୟାମ ବନ୍ଧୁ ବେହୁରା, ଗୋପପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ନାୟକ ଏବଂ ସାହିତ୍ୟ ସୃଜନୀ ପାଇଁ ବଡମ୍ବା ବ୍ଲକର ମାଷ୍ଟର ଟ୍ରେନର ଅଶୋକ ଧଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ହୃଦାନନ୍ଦ ମଙ୍ଗରାଜ, ରାକେଶ ଜେନା, ଦିଲ୍ଲୀପ ମହାନ୍ତି, ଶିକ୍ଷୟିତ୍ରୀ ନୀଳିମା ମଞ୍ଜରୀ ମହାପାତ୍ର, ମନୋରମା ବେହେରା, ଶୁଭସ୍ମିତା ସାହୁ ଓ ଶାରଳା ମାହେଶ୍ୱରୀ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମାହାଙ୍ଗା :** ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ବିକାଶ ନିମନ୍ତେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାହାଙ୍ଗା ମହାବୀର ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନୀଶିଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଜ୍ଞାସା, କୌଶଳୀ କ୍ରୀଡାଙ୍ଗନ ଓ ସାହିତ୍ୟ ସୃଜନୀ କ୍ଲବ୍ ଆନୁକୂଲ୍ୟରେ ବିଭିନ୍ନ ବିଜ୍ଞାନ ପ୍ରୋଜେକ୍ଟ କଳା, ହସ୍ତଶିଳ୍ପ, ଚିତ୍ର, ଗୀତ, କବିତା, ଗଳ୍ପ ଓ ଖାଦ୍ୟମେଳାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୂପେନ ଚାଟାର୍ଜୀ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ, ଦେବରାଜ ସାହୁ, ସ୍ୱର୍ଣ୍ଣମୟୀ ମଙ୍ଗରାଜ, ରାଜଶ୍ରୀ ସ୍ୱାଇଁ, ସସ୍ମିତା ସେଠୀ, ଶୈଳବାଳା ଜେନା, ନିରଞ୍ଜନ ବେହେରା, ନୀଳମୟୀ ମଲିକ, ସଞ୍ଜୟ ମହାନ୍ତି, ନଳିନୀପ୍ରଭା ବାରିକ, ପ୍ରଭାତୀ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ବାରଙ୍ଗ :** ବାରଙ୍ଗ ବ୍ଲକ ଅନ୍ତର୍ଗତ ଝୁନଝୁନୱାଲ ବିଦ୍ୟାପୀଠରେ ଭାଷା ସାହିତ୍ୟ, ସୃଜନଶୀଳତା ଓ ଜୀଜ୍ଞସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉତ୍ସାହ ଉଦ୍ଦିପନାର ସହିତ ଭାଗ ନେଇ ସାହିତ୍ୟ, ବିଜ୍ଞାନ ଓ କ୍ରୀଡ଼ାରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଆରତୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବରେ ଶିକ୍ଷାବିତ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଲିଙ୍ଗରାଜ ପତି ଯୋଗଦେଇଥିଲେ। ବାରଙ୍ଗ ମଣ୍ଡଳ ସହଶିକ୍ଷାଧିକାରୀ ପ୍ରଫୁଲ ଚନ୍ଦ୍ର ରଥ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ଶାନ୍ତି କମିଟିର ସଭାପତି ପ୍ରତାପ ଚନ୍ଦ୍ର ପାଣି, କୁଞ୍ଜବିହାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଶିବପ୍ରସାଦ ପ୍ରଧାନ, ସମାଜସେବା ବିଜୟ ପଣ୍ଡା, ସନ୍ତୋଷ ପାଣି, ରୁଦ୍ରନାରାୟଣ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ବିମେଦ ନାୟକ, ଡା.ରାଜଲକ୍ଷ୍ମୀ ଜେନା, ଲିପିକା ଦାସ, ସୋନିଆ ଧନୁଆର, ପ୍ରଭୃତି ପଣ୍ଡା ଓ ନର୍ମଦା ସାହୁ ସଭା ପରିଚାଳନା କରିଥିବା ବେଳେ ପ୍ରକାଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ :** ବାଙ୍କୀର ଶତାୟୁ ହାଇସ୍କୁଲ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ତରଫରୁ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ 'ମୋ ସ୍କୁଲ' ଅଭିଯାନର ସଭାପତି ବକ୍ସି ସୁଧାଂଶୁ ରଞ୍ଜନ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥିଭାବେ ଆଇନଜୀବୀ ସନ୍ତୋଷ ବାରିକ, ଶିକ୍ଷକ ଅଜୟ ଦିକ୍ଷୀତ୍, ଏବିଓ ଜୟନ୍ତୀ ବିଶ୍ୱାଳ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବିଦ୍ୟାଧର ଖଟୁଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଛାତ୍ରମାନେ ସାହିତ୍ୟ, ସୃଜନ, ଜିଜ୍ଞାସା, କ୍ରୀଡାଙ୍ଗନ, ଗପ, ଚିତ୍ରାଙ୍କନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବାଙ୍କୀ :** ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତସ୍ଥ ରାମଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ସମରେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ଅଦୈତ୍ୟ କୁମାର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟ ଶ୍ରୀକାନ୍ତ ଦାସ, ମୋ ସ୍କୁଲ ଅଭିଯାନର ସଭାପତି ରମେଶ ଚନ୍ଦ୍ର ବେହେରା, ସଭ୍ୟ ସୋମନାଥ ଖଟୁଆ, ଶିକ୍ଷକ ନରେନ୍ଦ୍ର ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ସଭାରେ ପ୍ରଧାନଶିକ୍ଷକ ଶିଶିର ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ବିଜୟାନନ୍ଦ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ସମରେନ୍ଦ୍ର ମହାପାତ୍ର ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**ନିଶ୍ଚିନ୍ତକୋଇଲି :** ବରାଦୋ ପଞ୍ଚାୟତ ପାଟପୁର ଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୌଶଳୀ, ଜିଜ୍ଞାସା, ସାହିତ୍ୟସୃଜନୀ ଓ କ୍ରୀଡ଼ାଙ୍ଗନା କ୍ଲବ ଗଠନ କରାଯାଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଗାଇଡ ଶିକ୍ଷକ ଦେବପ୍ରସାଦ ଦାସଙ୍କ ଦ୍ୱାରା କୌଶଳୀ କ୍ଲବ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ବେଳେ ବହୁ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ବଳରାମ ପାତ୍ର, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ରସାନନ୍ଦ ସାମଲ, ସ୍କୁଲ ପରିଚାଳନା କମିଟି ସଭାପତି ଭରତଚନ୍ଦ୍ର ନାୟକ, ଶିକ୍ଷକ ସୀତାକାନ୍ତ ସାମଲ, ମନସ୍ୱିନୀ ଖଟୁଆ, ପ୍ରିୟତମା ଚାନ୍ଦ, ସ୍ନେହଲତା ଦାସ, ମଧୁସ୍ମିତା ସାହୁ, ରାଜଶ୍ରୀ ଜେନା, ଭାନୁପ୍ରିୟା ବେହେରା ପ୍ରମୁଖ ଯୋଗଦେଇଥିଲେ। ଦେବପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ମାହାଙ୍ଗା ମହାବୀର ବିଦ୍ୟାପୀଠ



ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ


ବାପୁଜୀ ବିଦ୍ୟାପୀଠ

# ୯୫ ପେଟି ବିଦେଶୀ ମଦ ଜବତ; ଜଣେ ଗିରଫ



**କଟକ,୧୯ ।୧(ସମିସ) :** ଚାଉଳିଆଗଞ୍ଜ ଥାନା ପୁଲିସ ଆଜି ଚୋରାରେ ବିକ୍ରି ପାଇଁ ଯାଉଥିବା ଏକ ମଦ ବୋଝେଇ ପିକଅପ ଗାଡ଼ିକୁ ଜବତ କରିଛି। ଏହି ଘଟଣାରେ ଚାଳକ ତଥା ରାଣୀହାଟ ଶଗଡ଼ିଆ ସାହିରେ ରହୁଥିବା ଝାଡଖଣ୍ଡ ବିହାରୀବାଗର ଶଙ୍କର ସ'ଙ୍କୁ ପୁଲିସ ଗିରଫ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟାରେ ଏକ ବିଶେଷଃ ସୂତ୍ରରୁ ଖବର ମିଳିଲା ଯେ, ବିପୁଳ ପରିମାଣର ଏକ ମଦ ବୋଝେଇ ପିକଅପ ଭ୍ୟାନ ରାଜପଥ ଦେଇ ଯାଉଛି। ସୂଚନା ପାଇବା ପରେ ଥାନା ଅଧିକାରୀ ଶଶୀକାନ୍ତ ରାଉତ ଓଏମ୍‌ପି ଛକରେ ଜଗି ରହିଥିଲେ। ପୂର୍ବ ସୂଚନା ମୁତାବକ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୯୫ଟି ପେଟିରେ ୮୧୭ଲିଟର ବିଦେଶୀ ମଦ ରହିଥିବା ଜଣାପଡିଥିଲା। ଚାଳକ ଜଣକ ମଦ ଚାଲାଣ ସମ୍ପର୍କୀତ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ପୁଲିସ ମଦ ଭର୍ତ୍ତି ଗାଡ଼ିକୁ ଜବତ କରିବା ସହିତ ଚାଳକ ଶଙ୍କରକୁ ଗିରଫ କରିଛି। ଜବତ ମଦର ମୂଲ୍ୟ ୫ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି।

## ଅସହାୟ ବ୍ୟକ୍ତିଙ୍କୁ ସହାୟତା

**କିଶନନଗର,୧୯।୧(ସମିସ):** ସ୍ଥାନୀୟ ଶିର୍ଲୋ ଗ୍ରାମର ଜୈନିକ ଅସହାୟ ରୋଗଗ୍ରସ୍ତ ବ୍ୟକ୍ତିଙ୍କପରିବାରକୁସହାୟତାପ୍ରଦାନକରାଯାଇଛି।କିଶନନଗରସ୍ଥିତବିପଦରବନ୍ଧୁସେବା ସଂଗଠନ ପକ୍ଷରୁ ସ୍ୱେଚ୍ଛାସେବୀମାନେ ତାଙ୍କ ବାସଭବନରେ ପହଞ୍ଚି ପରିବାରକୁ ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ ପଦାର୍ଥ, ନୂତନବସ୍ତ୍ର ଓ ଫଳ, କମ୍ବଳ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତ୍ତା ସୁଧାକର ଦାସ, ସ୍ୱାମୀ ଅଦ୍ୱୈତାନନ୍ଦ, ସୀତାରାମ ପଣ୍ଡା, କ୍ଷୀତିନ୍ଦ୍ର ମିତ୍ର, ଭବେଶ ମଣ୍ଡଳ, ବାସନ୍ତୀ ସିହ୍ନା, ଆଲୋକ ମଣ୍ଡଳ, ଅନୁଷ୍ଠାନର ସଭାପତି ଭୈରବ ସେଠୀଙ୍କ ସମେତ ପ୍ରମୁଖ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଫୁଲନଖରା,୧୯।୧(ସମିସ):** କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେଲେଙ୍ଗାପେଣ୍ଠ ସ୍ଥିତ ଗାନ୍ଧିସ୍ମୃତି ପୀଠ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସହ ସଂପାଦକ ଡା. ଅରବିନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷାବିତ୍ ଡଃ ଶରତ କୁମାର ରଥ, ପ୍ରଦ୍ୟୁମ୍ନ ପତି, ବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିଭା ମହାପାତ୍ର ଯୋଗଦେଇ ଚଳିତ ବର୍ଷ ବିଦ୍ୟାଳୟର ରୌପ୍ୟଜୟନ୍ତୀ ପାଳନ ବିଷୟରେ ବିଷଦ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଉତ୍ସବଟିକୁ କିଭଳି ସରସ ସୁନ୍ଦର କରିହେବ ସେ ବିଷୟରେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶିକ୍ଷକ କମଳାକାନ୍ତ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ବିଶ୍ୱଜିତ୍ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା ସଂପର୍କିତ ଆଲୋଚନାଚକ୍ର



**କଟକ,୧୯।୧(ସମିସ):** ସମାଜର କଲ୍ୟାଣ ପାଇଁ ଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ। ଶିକ୍ଷା ମାଧ୍ୟମରେ ସମାଜର ସକଳ ସମସ୍ୟା, ଦୁଃଖ ଦୁର୍ଦ୍ଦଶା ସହଜ ଭାବରେ ସମାଧାନ କରାଯାଇପାରିବ ବୋଲି ଶିକ୍ଷା ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ଆଜି ପୂର୍ବାହ୍ଣରେ ଭଗବତୀ ବିଦ୍ୟାପୀଠ, ଶୁକ୍ଳେଶ୍ୱର, ମାହାଙ୍ଗାର ପୁରାତନ ୧୯୭୫ ବ୍ୟାଚ୍‌ର ପୁରାତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବନ୍ଧୁମିଳନ ଓ ଆଲୋଚନା ଚକ୍ରରେ ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥଲେ। ପ୍ରାରମ୍ଭରେ ଇଂ. ଦୁର୍ଗା ପ୍ରସନ୍ନ ମିଶ୍ର ସୂଚନା ପ୍ରଧାନ କରିଥିଲେ ଓ ଧନେଶ୍ୱର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରବିନ୍ଦ୍ର ଆଚାର୍ଯ୍ୟ, ଦେବେନ୍ଦ୍ର ପ୍ରଧାନ, ଭାଗ୍ୟଧର ସାହୁ, ସ୍ୱପ୍ନାନନ୍ଦ ସ୍ୱାଇଁ, ଅନିଲ ମହାନ୍ତି, କାହ୍ନୁଚରଣ ନାୟକ, ମଦନମୋହନ ଦାସ, ନିରଞ୍ଜନ ବେହେରା, ଅକ୍ଷୟ ଦାସ, ସେକ୍ ଫର୍କୁନ୍ ଅଲ୍ଲି, ପୀତବାସ ପଣ୍ଡା, ଡ. ଅନ୍‌ସର ହୁସେନ୍ ଖାନ୍, ଦେବେନ୍ଦ୍ର ରାଉତ, ଅକ୍ଷୟ ସାହୁ, ପ୍ରଦୀପ୍ତ ଷଡ଼ଙ୍ଗୀ, ଲକ୍ଷ୍ମଣ ଚନ୍ଦ୍ର ମହାନ୍ତି, ପ୍ରଭାତ ସରନ୍, ଅନନ୍ତ ଚରଣ ମହାନ୍ତି, ସୁରେଶ ଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ରନାଥ ବାରିକ, ଅମିତାଭ ଭୂୟାଁ, ବ୍ରହ୍ମାନନ୍ଦ ସ୍ୱାଇଁ, ପୀତାମ୍ବର ଧଳ, ଆଲୋକ ଭୂୟାଁ, ଦୁଷ୍ମନ୍ତ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭାରତ ଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସୁଶାନ୍ତ ମହାପାତ୍ର, ଧୀରେନ୍ଦ୍ରନାଥ ପାତ୍ର, ରବୀନ୍ଦ୍ରନାଥ ଜଟ, ଅଚ୍ୟୁତାନନ୍ଦ ବେହୁରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସମୂହ ଛୁଟିରେ ପ୍ରାଣୀ ଚିକିତ୍ସକ; ସେବା ବାଧାପ୍ରାପ୍ତ

**ସାଲେପୁର,୧୯ ।୧(ସମିସ):** ବିଭିନ୍ନ ଦାବି ଓ ସମସ୍ୟା ସମ୍ପର୍କରେ ଓଡ଼ିଶା ପ୍ରାଣୀଚିକିତ୍ସା ସେବା ସଂଘ ପକ୍ଷରୁ ବାରମ୍ବାର ସରକାରଙ୍କ ନିକଟରେ ଦାବି କରାଯାଉଥିଲେ ମଧ୍ୟ ପ୍ରାଣୀ ଚିକିତ୍ସକଙ୍କ ଦାବି ପୂରଣ ହେଉ ନ ଥିବାରୁ ଚଳିତ ମାସ ୧୮ ତାରିଖ ଠାରୁ ପ୍ରାଣୀଚିକିତ୍ସକ ମାନେ ସମୂହ ଛୁଟିରେ ଯାଇଛନ୍ତି। ଫଳରେ ପ୍ରାଣୀ ଚିକିତ୍ସାରେ ବ୍ୟାଘାତ ଉପୁଜିଛି। ଆବଶ୍ୟକୀୟ କର୍ମଚାରୀଙ୍କ ପାଇଁ କ୍ୱାଟର, ଅତ୍ୟାଧୁନିକ ଯନ୍ତ୍ରପାତି ଅଭାବ ସତ୍ତ୍ୱେ ପ୍ରାଣୀ ଚିକିତ୍ସକ ମାନେ ସେମାନଙ୍କର ଦାୟୀତ୍ୱ ନିର୍ବାହ କରିଆସୁଛନ୍ତି। ସେହିପରି ରାଜ୍ୟରେ ଶତକଡା ୪୦ ପ୍ରତିଶତ ଅଧସ୍ତନ କର୍ମଚାରୀ ପଦ ଖାଲି ପଡିଛି। ଏ ସବୁ ସମସ୍ୟାର ସମାଧାନ ପାଇଁ ଦାବିରେ ଚଳିତ ମାସ ୧୮ ତାରିଖରୁ ସମସ୍ତ ପ୍ରାଣୀ ଚିକିତ୍ସକ ମାନେ ସମୁହ ଛୁଟିରେ ଯାଇଛନ୍ତି ଫଳରେ ପ୍ରାଣୀ ପାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର
# ପରିବାର ଆଣିଲା ହତ୍ୟା ଅଭିଯୋଗ

**କଟକ,୧୯ ।୧(ସମିସ)**

ଧବଳେଶ୍ୱର ଗଡା ନିକଟରେ ଜଣେ ଡ୍ରାଇଭରଙ୍କ ମୃତଦେହ ସିଡିଏ ଫେଜ୍-୨ ଥାନା ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ହେଉଛନ୍ତି ବିଡ଼ାନାସୀ ଥାନା ଅନ୍ତର୍ଗତ ସତିଚୌରା ନିକଟର କିଶୋର ସିଂହ(୩୭)। ମୃତକଙ୍କ କାନ ଓ ନାକରୁ ରକ୍ତ ବାହାରୁଛି। ତାଙ୍କ ଶରୀରରେ ମଧ୍ୟ ଛୋଟ ଛୋଟ କ୍ଷତ ଚିହ୍ନ ରହିଛି। ତେଣୁ ତାଙ୍କୁ କେହି ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ପରିବାର ଲୋକ ଆଶଙ୍କା କରୁଛନ୍ତି। ପରିବାରର ଅଭିଯୋଗ ପରେ ପୁଲିସ ହତ୍ୟା ସମ୍ପର୍କିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଆଜି ସକାଳ ପ୍ରାୟ ସାଢ଼େ ୭ଟା ବେଳେ ସିଡିଏ ଫେଜ୍-୨ ଥାନା ପୁଲିସକୁ ସୂଚନା ମିଳିଥିଲା ଯେ, ଜଣେ ଯୁବକଙ୍କ ମୃତଦେହ ଚହଟା-ନରାଜ ରାସ୍ତାର ଧବଳେଶ୍ୱର ଗଡ଼ା ପାଖରେ ପଡ଼ିଛି। ପୁଲିସ ଟିମ୍ ଯାଇ ଯୁବକଙ୍କ ମୃତଦେହ ସନ୍ଦିଗ୍ଧ ଅବସ୍ଥାରେ ଉଦ୍ଧାର କରିଥିଲା। ମାତ୍ର ଯୁବକଙ୍କ ପରିଚୟ ନେଇ କୌଣସି ତଥ୍ୟ ସେଠାରେ ପୁଲିସ ପାଇନଥିଲା। ତେଣୁ ଅଜଣା ମୃତଦେହ ଭାବେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସ୍‌ସିବିରେ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଥିଲା। ମୃତଦେହ ଚିହ୍ନଟ ହୋଇନଥିବାରୁ ଶବ ସଂରକ୍ଷିତ ଗୃହରେ ରଖାଯାଇଥିଲା। ତେବେ ସନ୍ଧ୍ୟା ସୁଦ୍ଧା କିଶୋରଙ୍କ ଘର ଲୋକ କୌଣସି ସୂତ୍ରରୁ ଖବର ପାଇ ସିଡିଏ ଫେଜ୍-୨ ଥାନାରେ ପହଞ୍ଚିଥିଲେ। ପରେ ପରିବାର ଲୋକ ଏସ୍‌ସିବି ଶବ ସଂରକ୍ଷିତ ଗୃହକୁ ଯାଇ କିଶୋରଙ୍କୁ ଚିହ୍ନଟ କରିଥିଲେ। ତେବେ କିଶୋରଙ୍କୁ କେହି ମାରି ଫିଙ୍ଗି ଦେଇଥିବା ପରିବାର ଲୋକ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। କିଶୋର ପେସାରେ ଜଣେ ଡ୍ରାଇଭର। ସେ ଜଣେ ଡାକ୍ତରଙ୍କ କାର୍ ଚଳାଉ ଥିଲେ। ଗତକାଲି ରାତିରେ ସେ ସାଙ୍ଗମାନଙ୍କ ସହିତ ରହିଥିଲେ ବୋଲି ଫୋନ୍ କରି ପରିବାର ଲୋକଙ୍କୁ ଜଣାଇଥିଲେ। ଡ୍ରାଇଭର ଚାକିରି ହୋଇଥିବାରୁ ବହୁ ରାତିରେ ସେ ବାହାରେ ରହୁଥିବାରୁ ପରିବାର ଲୋକ ମଧ୍ୟ ସେହି କଥାକୁ ଗୁରୁତ୍ୱ ଦେଇନଥିଲେ। ମାତ୍ର ସକାଳେ ସେ ଘରକୁ ନଆସିବା ଓ ଫୋନ୍ ଉଠାଇବାରୁ ସନ୍ଦେହ ବଢ଼ିଥିଲା। ଏହା ପରେ ପରିବାର ଲୋକ ବହୁ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇନଥିଲେ। ମାତ୍ର ସନ୍ଧ୍ୟାରେ ପରିବାର ଲୋକ କିଛି ଲୋକଙ୍କଠାରୁ ଖବର ପାଇ ଥାନାରେ ପହଞ୍ଚି ଏ ବିଷୟରେ ପୁଲିସକୁ ଜଣାଇଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଅପମୃତ୍ୟୁ ମାମଲାକୁ ରୂପାନ୍ତରିତ କରି ହତ୍ୟା ମାମଲା ରୁଜୁ କରିଛି।

## ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ




**ମାହାଙ୍ଗା,୧୯।୧(ସମିସ):** ଓଡିଶା ସରକାରଙ୍କ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମାହାଙ୍ଗା ବ୍ଲକ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମୀୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ପଞ୍ଚାୟତସ୍ତରରେ ସରକାରଙ୍କ ବିଭିନ୍ନ ଯୋଜନା ଗ୍ରାମାଞ୍ଚଳରେ ସବୁ ଲୋକଙ୍କ ନିକଟରେ କିପରି ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ରୁ ଆରମ୍ଭ ହୋଇ ଫେବୃଆରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ଚାଲୁ ରହିବ ବୋଲି ଜଣାଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ରିଆଜୁଲ ହୋଦା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦ୍ୟୁତ ସାହୁ, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଚିକିତ୍ସାଅଧିକାରୀ ସ୍ମୃତିମୟୀ ବେହେରା, ଏବିଇଓ ସଂଯୁକ୍ତା ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବହୁ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଏନଏସ୍‌ଡି ନିର୍ଦ୍ଦେଶକଙ୍କ କଳା ବିକାଶ କେନ୍ଦ୍ର ପରିଦର୍ଶନ



**କଟକ ୧୯ ।୧(ସମିସ):** ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ କଳା ବିକାଶ କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି। ସେ କେନ୍ଦ୍ର ପରିଚାଳିତ ନୃତ୍ୟ ସଂଗୀତ ମହାବିଦ୍ୟାଳୟ ବୁଲି ଦେଖିଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ, ଅଭିନେତା ତଥା ନିର୍ଦ୍ଦେଶକ ସମରେଶ ରାଉତରାୟ ଉପସ୍ଥିତ ଥିଲେ। ଓଡ଼ିଶା ନୃତ୍ୟର ଏକ୍ସ୍ଟୁଡିଶାଳ କଳା ବିକାଶ କେନ୍ଦ୍ର, କଟକକୁ ଓଡ଼ିଶୀ ନୃତ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ କଳା ବିକାଶ କେନ୍ଦ୍ରର ପୂର୍ବତନ ଓଡ଼ିଶୀ ଗୁରୁ ଓ ଛାତ୍ରଛାତ୍ରୀଙ୍କୁ ମନେ ପକାଇଥିଲେ। ନାଟକ କ୍ଷେତ୍ରରେ କଳା ବିକାଶ କେନ୍ଦ୍ରର ଅବଦାନ ଅତୁଳନୀୟ ବୋଲି ମତ ଦେଇଥିଲେ। କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବିନ୍ଦ୍ର ନାଥ ମହାନ୍ତି, ସଭାପତି ଡ. ବିଜୟାନନ୍ଦ ସିଂହ, ସାଧାରଣ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ପ୍ରଶାସନିକ ଅଧିକାରୀ ରବିନ୍ଦ୍ର ନାଥ ଜଟ, କେନ୍ଦ୍ରର କର୍ମଚାରୀ ଲକ୍ଷ୍ମଣ ପ୍ରଧାନ ଓ ବିରଞ୍ଚି ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

## ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ରୋକ୍

**● ଜାରି ରହିବ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା**
**● ଗାନ୍ଧୀ ମାର୍ଗରେ ଆଶାୟୀ ପ୍ରାର୍ଥୀଙ୍କ ଧାରଣା**

**ଭୁବନେଶ୍ୱର, ୧୯ ।୧(ସମିସ):** କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ନିଯୁକ୍ତିରେ ଅନିୟମିତତା ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ମାମଲା ହାଇକୋର୍ଟରେ ପହଞ୍ଚିଛି। ଏହାର ଶୁଣାଣି କରି ହାଇକୋର୍ଟ ଆଜି ନିଯୁକ୍ତି ସଂକ୍ରାନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ରୋକ୍ ଲଗାଇବା ସହ ଆସନ୍ତା ୨୪ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଏହାସହ ନିର୍ଦ୍ଧାରିତ ହୋଇଥିବା ୨୦ ଓ ୨୧ ତାରିଖରେ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଏହାର ପ୍ରତିବାଦରେ ବହୁ ଆଶାୟୀ ଆଜିଠାରୁ ଗାନ୍ଧୀ ମାର୍ଗରେ ଧାରଣା ଦେଇଛନ୍ତି। ମେରିଟ୍ ଲିଷ୍ଟର ସ୍ୱଚ୍ଛତା ପାଇଁ ପ୍ରାର୍ଥୀଙ୍କ ସମୁଦାୟ ମାର୍କ ପ୍ରକାଶ କରିବା, ନର୍ମାଲାଇଜେସନ୍ ପ୍ରକ୍ରିୟା ଓ ମାର୍କ ପ୍ରକାଶ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରିଛନ୍ତି। ଏହାସହ ଏନ୍‌ଆଇଓଏସ୍ ଡିଏଲ୍‌ଇଡି ପରୀକ୍ଷାର୍ଥୀ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବର୍ଗରେ ସ୍ଥାନ ପାଇଥିବା ସମାନ ପରୀକ୍ଷାର୍ଥୀଙ୍କୁ ଗୋଟିଏରୁ ବାଦ୍ ଦେବାକୁ ଦାବି କରୁଛନ୍ତି।

ଅପରପକ୍ଷେ, ଆଶାୟୀଙ୍କ ବିଭିନ୍ନ ଅଭିଯୋଗ ଉପରେ ଓସେପା ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ଆବେଦନକାରୀ ଦାଖଲ କରିଥିବା ତଥ୍ୟ ଅନୁଯାୟୀ, ସ୍ୱୟଂକୃତ ପ୍ରକ୍ରିୟାରେ ଆଡମିଟ୍ କାର୍ଡ ସୃଷ୍ଟି ହୋଇଥାଏ। ଆଡମିଟ୍ କାର୍ଡକୁ ପରୀକ୍ଷା ପୂର୍ବରୁ ତନଖି କରାଯିବା ସହ ଫଟୋ ଓ ବାୟୋମେଟ୍ରିକ ଦେବା ପରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇଥାଏ। ପରିଚୟ ନଥବା କୌଣସି ପ୍ରାର୍ଥୀ ପରୀକ୍ଷା ଦେଇନାହାନ୍ତି ବୋଲି ଦର୍ଶାଯାଇଛି। ଏହାସହ ବିଭିନ୍ନ ବର୍ଗରେ ପ୍ରାର୍ଥୀଙ୍କ ଉପଲବ୍ଧତାକୁ ଦୃଷ୍ଟିରେ ରଖି ମେରିଟ୍ ଲିଷ୍ଟ ପ୍ରସ୍ତୁତ ହୋଇଛି। ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କ ଯୋଗ୍ୟତା ନଥିଲେ ପ୍ରମାଣପତ୍ର ଯାଞ୍ଚ ସମୟରେ ସେମାନଙ୍କୁ ବାଦ ଦିଆଯିବ ବୋଲି ମଧ୍ୟ କୁହାଯାଇଛି। ଆବେଦନ ସମୟରେ ପ୍ରାର୍ଥୀ ଦେଇଥିବା ପସନ୍ଦ ଜିଲ୍ଲା ଓ ମେରିଟ୍ ରାଙ୍କ୍ ଆଧାରରେ ଜିଲ୍ଲା ଆବଣ୍ଟନ କରାଯିବ। ଏହା କେବଳ ଯୋଗ୍ୟତା ଆଧାରରେ କରାଯାଉନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହାସହ ଆସନ୍ତାକାଲି ଅର୍ଥାତ୍ ଶନିବାର ଓ ରବିବାର ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା କରାଯିବ ବୋଲି କୁହାଯାଇଛି।

## କଟକ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ




**ସାଲେପୁର,୧୯ ।୧(ସମିସ):** ଆଜି ସାଲେପୁର ସତ୍ୟଲକ୍ଷ୍ମୀ ମଣ୍ଡପଠାରେ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ଅନୁବନ୍ଧିତ କଟକ ଜିଲ୍ଲା ସାମ୍ବାଦିକ ସଂଘ (ଜାକ୍)ର ଦ୍ୱିତୀୟବାର୍ଷିକ ଉତ୍ସବ କଟକ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂପାଦକ ଶିଶିର କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସାମ୍ବାଦିକମାନଙ୍କର ସମସ୍ୟା ଉପରେ ଗୁରୁତ୍ୱାରୋପ କରିବା ସହ ସାମ୍ବାଦିକମାନଙ୍କର ରହିବାପାଇଁ ଭୁବନେଶ୍ୱରଠାରେ ଏକ ଗୃହ ନିର୍ମାଣ କରିବା ସହ ସାମ୍ବାଦିକମାନଙ୍କର ଆଜୀବନ ସ୍ୱାସ୍ଥ୍ୟବୀମା କରାଯିବାପାଇଁ ଦାବି କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସାମ୍ବାଦିକ ସଂଘର ସଭାପତି କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ରାଜ୍ୟ ଉପଦେଷ୍ଟା ଅକ୍ଷୟ ଦାଶ, ସାଲେପୁର ତହସିଲଦାର ଶିବ ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ରାଜ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରଥମେ ବୃକ୍ଷ ପୂଜା କରାଯାଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଗୌରଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ହିନ୍ଦୁ ଶାସ୍ତ୍ରୀୟ ସଂଗୀତର ସଂଗୀତଗୁରୁ ଶରତ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗଠନ ସଂପାଦକ ମୀନକେତନ ଦାଶ, ଅକ୍ଷୟ ଦାଶ, ରତ୍ନାକର ବାରିକ, ଅଭୟ ଜେନା, ନିବେଦିତା ସିଂହ, ଜ୍ୟୋତ୍ସ୍ନାରାଣୀ ସାମଲ, ସୁଜାତା ଗୋସ୍ୱାମୀ, ଟୁନା ଜେନା ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ଜିଲ୍ଲା ସଂପାଦକ ଶୁଭେନ୍ଦୁ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**● ଏସ୍‌ସିବିରେ ହାପଲୋ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ**

## ୧୦ ଦିନ ପରେ ପ୍ରାଣ ହରାଇଲେ ଶୁଭ୍ରାଂଶୁ

**କଟକ, ୧୯ ।୧(ସମିସ):** ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗ ଡାକ୍ତରମାନଙ୍କ ଦ୍ୱାରା ପ୍ରଥମଥର ନିମନ୍ତେ ହାପଲୋ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା। ବିରଳ ପଦ୍ଧତିରେ ହୋଇଥିବା ଏହି ପ୍ରତିରୋପଣ ଯୋଗୁଁ ଏସ୍‌ସିବି ମେଡିକାଲ ସୃଷ୍ଟି କରିଥିଲା ନୂତନ ଇତିହାସ। ମାତ୍ର ଅସ୍ଥିମଜ୍ଜା ପ୍ରତିରୋପିତ ରୋଗୀ ଶୁଭ୍ରାଂଶୁ ସାହୁଙ୍କର ଶୁକ୍ରବାର ପୂର୍ବାହ୍ଣରେ ଅକସ୍ମାତ ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ଶୁଭ୍ରାଂଶୁ ୧୦ ଦିନରେ ପ୍ରାଣ ହରାଇବାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଛନ୍ତି। କିଛି ଦିନ ପୂର୍ବେ ଶୁଭ୍ରାଂଶୁ ହୃଦଘାତର ଶିକାର ହେବା ସହ ବାଥରୁମ୍‌ରେ ପଡ଼ି ଯାଇଥିଲେ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ରବୀନ୍ଦ୍ର କୁମାର ଜେନା କହିଛନ୍ତି। ଗତ ଚାରି ଦିନ ହେବ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ଶୁକ୍ରବାର ପୂର୍ବାହ୍ଣରେ ସେ ପ୍ରାଣ ହରାଇଛନ୍ତି। ଏତଦବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ଜନିତ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ତାଙ୍କର ମୃତ୍ୟୁ ହୋଇନି ବୋଲି ପ୍ରଫେସର ଡାକ୍ତର ଜେନା ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ତଦନ୍ତ ହେବ ବୋଲି ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ମତ ଦେଇଛନ୍ତି।

ପ୍ରକାଶଥାଉକି, ଖୋର୍ଦ୍ଧା ଜିଲା କଣ୍ଟାମାଳିମ ଅଞ୍ଚଳର ଶୁଭ୍ରାଂଶୁ(୧୯) ୨୦୧୬ରେ ରକ୍ତକର୍କଟରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ୨୦୧୯ରେ କର୍କଟରୁ ଆରୋଗ୍ୟଲାଭ କରିଥିଲେ। ୨ବର୍ଷ ପରେ ପୁଣି ଥରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବା ପରେ ଶୁଭ୍ରାଂଶୁ ପୁର୍ନବାର କର୍କଟାକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଦ୍ୱିତୀୟଥର ଆକ୍ରାନ୍ତ ହୋଇଥିବାରୁ କେମୋଥେରାପି ବଦଳରେ ହାପଲୋ ଆଲୋଜେନିକ ପଦ୍ଧତିରେ ଶୁଭ୍ରାଂଶୁଙ୍କର ଅସ୍ଥିମଜ୍ଜା ପ୍ରତିରୋପଣ କରିବାକୁ ହେମାଟୋଲୋଜି ବିଭାଗର ଡାକ୍ତର ନିଷ୍ପତ୍ତି ନେଇଥିଲେ। ଜଣେ ଉପଯୁକ୍ତ ଷ୍ଟେମ ସେଲ ଦାତା ଚିହ୍ନଟ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶୁଭ୍ରାଂଶୁଙ୍କ ସାନଭାଇ ପ୍ରଭୁଦତ୍ତ ଷ୍ଟେମସେଲ ଦେବାକୁ ସମ୍ମତି ଜଣାଇଥିଲେ। ପ୍ରଭୁଦତ୍ତଙ୍କ ଏଚ୍‌ଏଲଏ(ହ୍ୟୁମାନ ଲିକୋସାଇଟିକ ଆଣ୍ଟିଜେନ) ଶୁଭ୍ରାଂଶୁଙ୍କ ଏଚ୍‌ଏଲଏ ସହିତ ୫୦ପ୍ରତିଶତ ମେଳ ଖାଇବାରୁ ଗତ ୯ ତାରିଖରେ ହାପଲୋ ପଦ୍ଧତିରେ ଆଲୋଜେନିକ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇଥିଲା।

# ଏନ୍‌ଆର୍‌ଆର୍‌ଆଇରେ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଉଦ୍‌ଘାଟିତ

**କଟକ, ୧୯ ।୧(ସମିସ)**




କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଖାଦ୍ୟ ଉପଲବ୍ଧ କରାଇବା ସହିତ କୃଷକମାନଙ୍କ ପାଇଁ ଜୀବିକା ଯୋଗାଇବା ଏବଂ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ପନ୍ନ ହେଉଥିବା ପରିବେଶ ଜନିତ ସମସ୍ୟାଗୁଡିକର ସମାଧାନ ପାଇଁ ଏବଂ ପରିବେଶକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ଙ୍କ ଏବଂ କୃଷି ଅନୁସନ୍ଧାନ ପରିଚାଳନା ସମାଜ (ଏସଏଆରଏମ) ମିଳିତ ସହଯୋଗରେ ସ୍ଥାୟୀ କୃଷି ପଦ୍ଧତି ମାଧ୍ୟମରେ ଆର୍ଥିକ ବିକାଶ ବିଷୟବସ୍ତୁ ଉପରେ ଷଷ୍ଠ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀ ଆଗ୍ରିଭିଜନ୍-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଫସଲ ବିଜ୍ଞାନ ବିଭାଗର ଉପ ମହାନିର୍ଦ୍ଦେଶକ ଡ. ତିଲକ ରାଜ ଶର୍ମା ଏହି ସମ୍ମିଳନୀକୁ ମୁଖ୍ୟଅତିଥି ଭାବରେ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ଡ. ରବିନାରାୟଣ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ ରାଉଳ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ। ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ, ଡ. ଅମରେଶ ନାୟକ ଅନ୍ତର୍ଜାତୀୟ ବୈଜ୍ଞାନିକ ସମ୍ମିଳନୀକୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଡ. ଶର୍ମା ଏନ୍‌ଆର୍‌ଆର୍‌ଆଇ ପରିସରରେ ନୂତନ ଜୈବ-ସାର ୟୁନିଟ୍, ପକ୍ଷୀ ଏବଂ ପଶୁ ଜୈବ ବିବିଧତା ୟୁନିଟ୍ ଏବଂ କାଫେଟେରିଆର ଉଦ୍‌ଘାଟନ କରିବା ସହ ଫାର୍ମ ପ୍ଲଟ୍ ଏବଂ ଜିନୋମିକ୍ସ ଗବେଷଣାଗାର ପରିଦର୍ଶନ କରିଥିଲେ। ସେ ପ୍ରକାଶନ, ପେଟେଣ୍ଟ, ପ୍ରକ୍ରିୟା ଏବଂ ସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆଗ୍ରିଭିଜନ୍-୨୦୨୪ ସମ୍ମିଳନୀରେ ଭାରତ ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ସୁନାମଧନ୍ୟ ବୈଜ୍ଞାନିକ, ଗବେଷକ ଏବଂ ଛାତ୍ରଛାତ୍ରୀ ସମ୍ମିଳନୀରେ ଯୋଗଦେଇଛନ୍ତି। ତିନିଦିନିଆ ସମ୍ମିଳନୀରେ ସେମିନାର ଆଲୋଚନା, ବୈଜ୍ଞାନିକ ଅଧିବେଶନ, ପ୍ୟାନେଲ୍ ଆଲୋଚନା, କର୍ମଶାଳା, ବକ୍ତୃତା, ମୌଖିକ ଏବଂ ପୋଷ୍ଟର ଉପସ୍ଥାପନା, କୃଷକ ସମ୍ପର୍କ, ପ୍ରଦର୍ଶନୀ ଇତ୍ୟାଦିର ଆୟୋଜନ କରାଯାଇଛି। ଏହି ସମ୍ମିଳନୀରେ ନିଜ କ୍ଷେତ୍ରରେ ଉତ୍କୃଷ୍ଟତା ହାସଲ କରିଥିବା ବୈଜ୍ଞାନିକଙ୍କୁ ଡ. ଅମରେଶ ନାୟକ, ପ୍ରଫେସର ଚିତ୍ତରଞ୍ଜନ କୋଲେ, ପ୍ରଫେସର ପ୍ରଭାତ ରାଉଳ ସୁପ୍ରଖ୍ୟାତ ବୈଜ୍ଞାନିକମାନଙ୍କୁ ଏସଏଆରଏମ ସଂସ୍ଥା ଦ୍ୱାରା ଆଜୀବନ ସିଦ୍ଧି ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଆଗ୍ରିଭିଜନ୍-୨୦୨୪ରେ କନଭେନର ଡ. ଏମ୍‌ଜେ ବେଗ୍ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଦିବ୍ୟାଂଶୁ ଦାସ ଧନ୍ୟବାଦ ଦେଇଥିଲେ।

**ଆଠଗଡ ପ୍ରିମିୟର କ୍ରିକେଟ ଲିଗ ଉଦ୍‌ଯାପିତ**

## ଘଣ୍ଟିଖାଲକୁ ହରାଇ ଛଅଗାଁ ଚାମ୍ପିଅନ

**ଆଠଗଡ,୧୯।୧(ସମିସ):** ଚଳିତ ମାସ ୭ ତାରିଖରୁ ଆଠଗଡ ମହୋତ୍ସବ ପଡିଆରେ ଚାଲିଥିବା ଆଠଗଡ଼ ପ୍ରିମିୟର କ୍ରିକେଟ ଲିଗ ଉଦଯାପିତ ହୋଇଯାଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଆଠଗଡ଼ ବ୍ଲକ୍ ଘଣ୍ଟିଖାଲ କ୍ରିକେଟ କ୍ଲବକୁ ୨-୧ରେ ପରାସ୍ତ କରି ଛଅଗାଁ କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଠଗଡ଼ ବ୍ଲକ୍ ଓ ଏନ୍‌ଏସିର ୬୪ଟି ଦଳ ଭାଗନେଇଥିଲେ। ଏଥିରେ ଆଠଗଡ଼ ବ୍ଲକ୍‌ର ଗୋବରା କ୍ରିକେଟ କ୍ଲବ ତୃତୀୟ ଓ ଆଠଗଡ଼ ଏନ୍‌ଏସି ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଶୁକ୍ରବାର ଉଦଯାପନୀ ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ, ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଓଡିଶାର କ୍ରିକେଟ ତାରକା ବିପ୍ଳବ ସାମନ୍ତରାୟ, ଚଳଚ୍ଚିତ୍ର ଅଭିନେତା ଅମ୍ଲାନ ଦାସ, ଅଭିନେତ୍ରୀ ଅନନ୍ୟା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚାମ୍ପିଅନ ଛଅଗାଁ ଦଳକୁ ଟ୍ରଫି ସହ ନଗଦ ୧ ଲକ୍ଷ ଟଙ୍କା ଓ ଉପବିଜେତା ଘଣ୍ଟିଖାଲ ଦଳକୁ ଟ୍ରଫି ସହ ୭୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ଗୋବରାକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ୪ର୍ଥ ସ୍ଥାନ ପ୍ରାପ୍ତ ଆଠଗଡ ଏନ୍‌ଏସି ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ଆଜିର ମ୍ୟାଚରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛଅଗାଁ କ୍ଲବର ଆକାଶ ରାଉତ,



ସମଗ୍ର ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ଛଅଗାଁ କ୍ଲବର ପ୍ରବଚନ ପ୍ରଧାନ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଗୋବରା କ୍ଲବର ଶୁଭ୍ରଜିତ୍ ଛାଟୋଇ ଓ ଶ୍ରେଷ୍ଠ ବୋଲର ଭାବେ ଜିତେନ୍ଦ୍ର ସାହାଣୀଙ୍କୁ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏପରି ଟୁର୍ଣ୍ଣାମେଣ୍ଟ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହିତ ଯୁବକଙ୍କ ମଧ୍ୟରେ ଭାଇଚାରାର ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

